visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.182 Bhubaneswar Friday, September 03, 2021 | ୨୪ତମ ବର୍ଷ ସଂଖ୍ୟା–୧୮୨ ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୦୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS


## ଗୋଟିଏ ଦିନରେ ୭୫୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୭୫୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୯୨୨୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୦୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୯୩୯୦୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୨୪୧ ରହିଛି। ଆଜି ଚିହ୍ନଟ ହୋଇଥିବା ୭୫୪ ଜଣଙ୍କ ମଧ୍ୟରୁ ୪୩୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୧୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୬୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୩ ଜଣ, ବରଗଡ଼ରୁ ୧ ଜଣ, ଭଦ୍ରକରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୧୧୦, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୫ ଜଣ, ଯାଜପୁରରୁ ୨୮ ଜଣ, ଝାରସୁଗୁଡ଼ାରୁ ୧ ଜଣ, କଳାହାଣ୍ଡିରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧ ଜଣ. କେନ୍ଦ୍ରାପଡ଼ାରୁ ୧୯ ଜଣ, କେନ୍ଦୁଝରରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୬୧ ଜଣ, କୋରାପୁଟରୁ ୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୩ ଜଣ, ନବରଙ୍ଗପୁରରୁ ୨, ନୟାଗଡ଼ରୁ ୧୩ ଜଣ, ନୂଆପଡ଼ାରୁ ୭, ପୁରୀରୁ ୨୮ ଜଣ, ରାୟଗଡ଼ାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୩ ଜଣ, ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୨୬ ଜଣ ଓ ଷ୍ଟେଟ୍ ପୁଲରୁ ୫୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨।୯(ପି.ଏନ): ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟପାଳଙ୍କ ସଚିବ ତଥା କମିଶନର ଥିବା ଡ. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ କେନ୍ଦ୍ରୀୟ ଡେପୁଟେସନରେ ଯିବା ପାଇଁ ରିଲିଭ୍ କରାଯାଇଛି । ଏହା ସହିତ ସେ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ତଥା କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଉଥିଲେ । ୧୯୯୭ ବ୍ୟାଚ୍ ଆଇଏଏସ୍ ଡ.ମେହେର୍ଦ୍ଦା କେନ୍ଦ୍ରରେ ଜାତୀୟ ଖାଦ୍ୟ ସୁରକ୍ଷା ମିଶନ (ଏନ୍ଏଫ୍ଏସ୍ଏମ୍)ର ପରିଚାଳନା ନିର୍ଦ୍ଦେଶକ (ଏମ୍ଡି) ଭାବେ ଦାୟିତ୍ୱ ନେବେ ।ସେହିପରି ଜଳ ସମ୍ପଦ ସଚିବ ଅନୁ ଗର୍ଗଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ବରିଷ୍ଠ ଆଇଏଏସ୍ ଶାଶ୍ୱତ ମିଶ୍ରଙ୍କୁ ରାଜ୍ୟପାଳଙ୍କ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ।

## ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ପ୍ରଥମାର୍ଦ୍ଧ ବୈଠକ ବାଧିତ

ଭୁବନେଶ୍ୱର, ୨।୯(ପି.ଏନ): ବିଧାନସଭା ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ବି ଆଜି ଆରମ୍ଭରୁ ବିରୋଧୀମାନେ ହଟ୍ଟଗୋଳ କରିଥିଲେ । ଫଳରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶୂନ୍ୟକାଳ ଓ ମୁଲତବୀ ନୋଟିସ ଉପରେ ଆଲୋଚନା ହୋଇପାରି ନାହିଁ । ହଟ୍ଟଗୋଳକୁ ଏଡ଼ାଇବାକୁ ଯାଇ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସର୍ବଦଳୀୟ ବୈଠକ ଡାକିବା ସହ ଗୃହକୁ ଦୁଇଥର ମୁଲତବୀ କରିଥିଲେ । ଆଜି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବିଜେପି ବିଧାୟକ ମାନେ ମାହାଙ୍ଗା ଡବଲ ମର୍ଡର ମାମଲାରେ ଆଇନ ମନ୍ତ୍ରୀଙ୍କ ବହିଷ୍କାର ଓ ତାଙ୍କୁ ଗିରଫ କରିବା ଦାବି କରିଥିଲେ । ସେମାନେ ହାତରେ ବ୍ୟାନର ମଧ୍ୟ ଧରି ଥିବା ଦେଖିବାକୁ ମିଳିଥିଲା । ସେହିପରି କଂଗ୍ରେସ ବିଧାୟକ ମାନେ ମରୁଡି ସମସ୍ୟାକୁ ନେଇ ହଟ୍ଟଗୋଳ କରିଥିଲେ । ବାଚସ୍ପତି ସେମାନଙ୍କୁ ନିଜ ନିଜ ଆସନକୁ ଫେରି ଯିବାକୁ କହିଥିଲେ । ହେଲେ ସେମାନେ ତାଙ୍କ କଥା ଶୁଣି ନ ଥିଲେ । ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ । ହଟ୍ଟଗୋଳକୁ ଏଡ଼ାଇବାକୁ ଯାଇ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ସେହିପରି ସେ ସମାଧାନର ରାସ୍ତା ବାହାର କରିବା ପାଇଁ ସର୍ବଦଳୀୟ ବୈଠକ ମଧ୍ୟ ଡାକିଥିଲେ । ୧୧.୩୦ରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ର ସେହି ସମାନ ସ୍ଥିତି ଦେଖା ଦେଇଥିଲା । ବିଜେପି ଓ କଂଗ୍ରେସ ସଦସ୍ୟ ମାନେ ସେମାନଙ୍କର ପୁରୁଣା ଦାବିକୁ ଦୋହରାଇଥିଲେ । ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ସର୍ବଦଳୀୟ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ମରୁଡ଼ି ପ୍ରସଙ୍ଗରେ ରେ ବିରୋଧୀ ସଦସ୍ୟ ଙ୍କ ଉଦବେଗ କୁ ଦୃଷ୍ଟି ରେ ରଖି ଚଳିତ ଅଧିବେଶନର ଶେଷ ସୁଦ୍ଧା ଏହି ପ୍ରସଙ୍ଗ ରେ ବିହିତ ପଦକ୍ଷେପ ନେବା କୁ ରାଜ୍ୟ ସରକାରଙ୍କୁ କହିଛନ୍ତି । ଏହା ସତ୍ତ୍ୱେ ବିରୋଧୀ ଦଳର ସଦସ୍ୟ ମାନେ ସେମାନଙ୍କର ହଟ୍ଟଗୋଳ ଜାରୀ ରଖିଥିଲେ । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରିକଲା ପାଣିପାଗ ବିଭାଗ

ଭୁବନେଶ୍ୱର, ୨।୯(ପି.ଏନ): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ଗଜପତି, ଗଞ୍ଜାମ, ପୁରୀ, କନ୍ଧମାଳ, ରାୟଗଡ଼ା ଓ ନୟାଗଡ଼ ଆଦି ଜିଲ୍ଲାରେ ଘଡଘଡି ସହ ବର୍ଷା ହୋଇପାରେ। ଏଥିସହିତ ଓଡ଼ିଶାର କିଛି ସ୍ଥାନରେ ହାଲକା ବର୍ଷା ହେବାର ସମ୍ଭାବନା ବି ରହିଛି। ଏଥିପାଇଁ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲା ଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଦି ଟାଇମ୍ସ ହାଇଅର ଏଜୁକେସନ୍ ର୍ୟାଙ୍କିଙ୍ଗ ୨୦୨୨ : ବିଶ୍ୱ ର୍ୟାଙ୍କିଙ୍ଗରେ ଉପରକୁ ଉଠିଲା କିଟ୍



ଭୁବନେଶ୍ୱର, ୨।୯(ପି.ଏନ): ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗରେ ଉପରକୁ ଉଠିଛି କିଟ୍ ବିଶ୍ୱବିଦ୍ୟାଳୟର ର୍ୟାଙ୍କ। ଗୁରୁବାର ଟାଇମ୍ସ ହାଇଅର ଏଜୁକେସନ୍ ବିଶ୍ୱ ର୍ୟାଙ୍କିଙ୍ଗ ପ୍ରକାଶିତ ହୋଇଥିବା ବେଳେ ଏଥିରେ କିଟ୍ ଅତ୍ୟଧିକ ଭଲ କରିଛି। ପ୍ରତିବର୍ଷ ପରି ଚଳିତବର୍ଷ ଦି ଟାଇମ୍ସ ହାଇଅର ଏଜୁକେସନ୍ ର୍ୟାଙ୍କ-୨୦୨୨ ଫଳାଫଳ ଆଜି ପ୍ରକାଶ ପାଇଛି। ପୂର୍ବବର୍ଷ କିଟ୍ ୧୦୦୦+ ସ୍ଥାନରେ ରହିଥିବା ବେଳେ ଏବର୍ଷ ୨ଶହ ର୍ୟାଙ୍କ ଉନ୍ନୀତ ହୋଇ ୮୦୦+ରେ ରହିଛି। ଇଂଜିନିୟରିଂରେ କିଟ ବିଶ୍ୱବିଦ୍ୟାଳୟ ପୂର୍ବବର୍ଷ ୬୦୦ ସ୍ଥାନରେ ଥିବା ବେଳେ ଏବର୍ଷ ମଧ୍ୟ ଏଥିରେ ଅଗ୍ରଗତି ହୋଇଛି। ସେହିପରି ଭେଲୋର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍ ଓ ଏନ୍ଆଇଟି ରାଉରକେଲା ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନ ସେମାନଙ୍କ ପୂର୍ବ ବର୍ଷ ର୍ୟାଙ୍କ ୮୦୦+ ବଜାୟ ରଖିଛନ୍ତି। ଆଇଆଇଟି ଭୁବନେଶ୍ୱର ଓ ମନିପାଲ୍ ଆକାଡେମୀ ଅଫ୍ ହାଇଅର ଏଜୁକେସନ୍ ୧୦୦୦+ ସ୍ଥାନରେ ରହିଥିବା ବେଳେ ଏସ୍ଆର୍ଏମ୍ ୧୨୦୦+ ର୍ୟାଙ୍କରେ ରହିଛନ୍ତି। ଚଳିତବର୍ଷ ଦି ଟାଇମ୍ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗରେ କିଟ୍ ଓଡ଼ିଶାର ଶିକ୍ଷାନୁଷ୍ଠାନ ମଧ୍ୟରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ପୂର୍ବଭାରତରେ ଥିବା ଡିମ୍ଡ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ମଧ୍ୟ ପ୍ରଥମ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ମିଳିତ ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ୨୮ଟି ପାଠ୍ୟକ୍ରମକୁ ହିସାବକୁ ନିଆଯାଇ ର୍ୟାଙ୍କିଙ୍ଗ କରାଯାଇଛି। ଯଦି କିଟ୍ର ଇଂଜିନିୟରିଂ କିମ୍ବା ୨/୩ଟି ପାଠ୍ୟକ୍ରମକୁ ବିଚାରକୁ ନିଆଯାଇଥିଲେ କିଟ୍ ବିଶ୍ୱବିଦ୍ୟାଳୟର ର୍ୟାଙ୍କ ଆହୁରି ଉନ୍ନତ ସ୍ଥାନରେ ରହି ପାରିଥାନ୍ତା। ଅନ୍ୟ ପକ୍ଷରେ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ନିରନ୍ତର ପ୍ରଚେଷ୍ଟା ଓ ଦୂରଦୃଷ୍ଟିକୁ ସାଧୁବାଦ ଜଣାଇଛନ୍ତି। ଏହା ସହିତ ଅଳ୍ପ ଦିନର ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ଦେଶର ପ୍ରତିଷ୍ଠିତ ଆଇଆଇଟି ଓ ଏନ୍ଆଇଟି ଆଦି ସରକାରୀ ବିଶ୍ୱବିଦ୍ୟାଳୟ ଓ ଘରୋଇ ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହୋଇ କିଟ୍ ଉତ୍ତମ ପ୍ରଦର୍ଶନ ଜାରି ରଖିଛି। ଏହା ହିଁ ହେଉଛି କିଟ୍ର ସଫଳତା ବୋଲି ପ୍ରତିଷ୍ଠାତା ଶ୍ରୀ ସାମନ୍ତ କହିଛନ୍ତି।

## ଓଡ଼ିଶାରେ ବାଉଁଶ ହସ୍ତଶିଳ୍ପର ବିକାଶ ନିମନ୍ତେ ବୁଝାମଣାପତ୍ର

ଭୁବନେଶ୍ୱର, ୨।୯(ପି.ଏନ): ରାଜ୍ୟରେ ବାଉଁଶ ହସ୍ତଶିଳ୍ପର ସର୍ବାଙ୍ଗୀନ ବିକାଶ ନିମନ୍ତେ ଆଜି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଆଜି କଳାଭୂମି ଠାରେ ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ, ଓଡ଼ିଶା ପିସିସିଏଫ୍ ଓ ବନବାହିନୀ ମୁଖ୍ୟ(ଏଚ୍ଓଏଫ୍ଏଫ୍) ଶିଶିର କୁମାର ରଥୋ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ସନାତନ ନାୟକ ଓ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ରାଜ୍ୟ ମିଶନ ନିର୍ଦ୍ଦେଶକ ପ୍ରେମ କୁମାର ଝା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଆମ ଓଡ଼ିଶା ଏକ ଉତ୍କୃଷ୍ଟ ହସ୍ତଶିଳ୍ପ କଳାର ରାଜ୍ୟ । ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ଟି ହସ୍ତଶିଳ୍ପକୁ ଆଧାର କରି କାରିଗରମାନେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଛନ୍ତି। 'ବାଉଁଶ' ହସ୍ତଶିଳ୍ପଟି ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଅଟେ। ଏହି ସାମଗ୍ରୀଗୁଡ଼ିକ ପ୍ରାୟ ପ୍ରତି ଜିଲ୍ଲାରେ ଉତ୍ପାଦିତ ହେଉଥିଲେ ମଧ୍ୟ ତନ୍ମଧ୍ୟରୁ କେତେକ ମୁଖ୍ୟ ଜିଲ୍ଲାଗୁଡ଼ିକ ହେଲା ଢେଙ୍କାନାଳ, ମୟୂରଭଞ୍ଜ, ଯାଜପୁର, ସୁବର୍ଣ୍ଣପୁର, ବରଗଡ଼, ରାୟଗଡ଼ା, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, କନ୍ଧମାଳ ଓ ମାଲକାନଗିରି। ରାଜ୍ୟରେ ଏହି ହସ୍ତଶିଳ୍ପର କାରିଗରଙ୍କ ସଂଖ୍ୟା ପ୍ରାୟ ୨୨ ହଜାର। ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ୭୨୧.୩୦ ଲକ୍ଷ ଟଙ୍କାର ଆର୍ଥିକ ସହଯୋଗରେ ଯେଉଁ ବାଉଁଶ ହସ୍ତଶିଳ୍ପ ପୁଞ୍ଜଗୁଡ଼ିକର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ସେଗୁଡ଼ିକ ହେଉଛି ମୟୂରଭଞ୍ଜ ଜିଲ୍ଲାର ଇଚିଣ୍ଡା(ରାଇରଙ୍ଗପୁର), ଯାଜପୁର ଜିଲ୍ଲାର ଗୋପାଳପୁର (ରସୁଲପୁର), ଢେଙ୍କାନାଳ ଜିଲ୍ଲାର ବଉଳପୁର(ଓଡ଼ାପଡ଼ା), ବରଗଡ଼ ଜିଲ୍ଲାର ବରଗାଁ/କଂଟାପଲ୍ଲୀ, ବରଗଡ଼ ଜିଲ୍ଲାର ବ୍ରାହ୍ମଣଡ଼ିହୀ(ପଦ୍ମପୁର) ଓ ସୁବର୍ଣ୍ଣପୁର ଜିଲ୍ଲାରବିନିକା। ଏହି କାର୍ଯ୍ୟକ୍ରମଗୁଡ଼ିକ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଏହାର ଜିଲ୍ଲାସ୍ତରୀୟ ସହ ନିର୍ଦ୍ଦେଶକ(ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟ ମାଧ୍ୟମରେ ସଫଳ ରୂପାୟନ କରାଯିବ। ଏହି ପ୍ରକଳ୍ପ ଅଧୀନସ୍ଥ ପ୍ରମୁଖ କାର୍ଯ୍ୟଗୁଡ଼ିକ ହେଲା ଉପରୋକ୍ତ ବାଉଁଶ ହସ୍ତଶିଳ୍ପ ପୁଞ୍ଜରେ ସାଧାରଣ ସୁବିଧା କେନ୍ଦ୍ର ନିର୍ମାଣ, ଆଧୁନିକ ଯନ୍ତ୍ରପାତି ଦ୍ୱାରା କଂଚା ବାଉଁଶର ପ୍ରକ୍ରିୟାକରଣ ଓ କାରିଗରମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି । ଏତଦ୍ବ୍ୟତୀତ ବଜାର ସହାୟତା ପାଇଁ ଗ୍ରାମାଂଚଳରେ ହାଟ ଓ ବାଉଁଶ ବଜାର ପ୍ରତିଷ୍ଠା ତଥା ଇ-ବାଣିଜ୍ୟର ଉପଯୋଗ। ବଜାର ଚାହିଦା ମୁତାବକ ସାମଗ୍ରୀ ପ୍ରସ୍ତୁତି ନିମନ୍ତେ ସିଡାକ୍ ଠାରେ ଏକ ବଜାର ସହାୟତା ତଥା ନମୁନା ବିକାଶ କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା ଅଛି। ଆଜିର ଏହି ଉତ୍ସବରେ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ସନାତନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ରାଜ୍ୟ ମିଶନ ନିର୍ଦ୍ଦେଶକ ଶ୍ରୀ ପ୍ରେମ କୁମାର ଝା ସଂକ୍ଷିପ୍ତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଶ୍ରୀ ଶିଶିର କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ଣ୍ଣାଟକର ଡାଭାନେଗେରେ ଠାରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି

### ଭୁବନେଶ୍ୱର ଅନ୍ଧାରୁଆ ରେ ପ୍ରତିଷ୍ଠା ହେବ ଆଇକନିକ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର, ୨।୯(ପି.ଏନ): ଭୁବନେଶ୍ୱର ଅନ୍ଧାରୁଆ ରେ ଆଇକନିକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ। ୨୫ ଏକର ଜମି ରେ ପ୍ରତିଷ୍ଠା ହେବାକୁ ଥିବା ଏହି ବିଦ୍ୟାଳୟ ରେ ୫୦୦ ଛାତ୍ରଛାତ୍ରୀଙ୍କୁ ଯୁକ୍ତ ଦୁଇ ଶିକ୍ଷା ଦାନ କରାଯିବ । ରାଜ୍ୟରେ ଥିବା ୩୧୪ ଆଦର୍ଶ ବିଦ୍ୟାଳୟରୁ ବଛା ବଛା ଛାତ୍ର ଛାତ୍ରୀ ଏହି ସ୍କୁଲ ରେ ପଢିବାକୁ ସୁଯୋଗ ପାଇବେ।

## ବିଜେବି କଲେଜରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର, ୨।୯(ପି.ଏନ): ଭୁବନେଶ୍ୱର ବିଜେବି କଲେଜରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହି ହୋଇଛନ୍ତି। ଦୁଇଟି ହଷ୍ଟେଲର ଛାତ୍ରମାନେ ପରସ୍ପରକୁ ପିଟିଛନ୍ତି। ଏହା ସହ ହଷ୍ଟେଲରେ ଭଙ୍ଗାରୁଜା ହୋଇଥିବା ଜଣାଯାଇଛି । ଏଥିରେ ଉଭୟ ହଷ୍ଟେଲର ୧୫ରୁ ଉର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି ।ଘଟଣାସ୍ଥଳରେ ପୋଲିସ୍ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ ଗତକାଲି କଲେଜର ଖାରବେଳ ଓ ଆମ୍ବେଦକର ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ କୌଣସି ବ୍ୟକ୍ତିଗତ କଥାକୁ ନେଇ ଝଗଡା ହୋଇଥିଲା। ପୋଲିସ୍ ଉପସ୍ଥିତିରେ ଏହାର ସମାଧାନ ହୋଇଥିଲା। ହେଲେ ଆଜି ସକାଳେ ଆମ୍ବେଦକର ହଷ୍ଟେଲର ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଖାରବେଳ ହଷ୍ଟେଲକୁ ପଶି ଝରକାକବାଟ ଭଙ୍ଗାରୁଜା କରିବା ସହ ଛାତ୍ରମାନଙ୍କୁ ମାରପିଟ କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା।





2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada







# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟରେ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତରେ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜରେ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍‌ର ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକରେ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡରେ କରିଥିଲେ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଊନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍‌ଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଋହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ୍ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରଖାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବ ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟରେ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ମହାତ୍ମା ଗାନ୍ଧୀଙ୍କ ବିଚାରରେ ରହିଛି ବିଶ୍ୱର ବର୍ତମାନ ସମସ୍ୟାର ସମାଧାନର ରାସ୍ତା

ମହାତ୍ମାଗାନ୍ଧୀ ଭାରତର ସନାତନ ପରମ୍ପରାର ବାର୍ତାବହ ଥିଲେ । ସେ ନିଜକୁ ସନାତନୀ ହିନ୍ଦୁ ବୋଲି ସବୁ ବେଳେ କହୁଥିଲେ । ତେଣୁ ତାଙ୍କର ବିଚାର ଉପରେ ସନାତନ ପରମ୍ପରାର ପ୍ରଭାବ ରହିବା ସ୍ୱାଭାବିକ । ତାଙ୍କର ବିଚାରରେ ଇଶୋପନିଷଦର ଗଭୀର ପ୍ରଭାବ ଦେଖିବାକୁ ମିଳେ । ବିଶେଷ କରି ପ୍ରଥମ ଶ୍ଳୋକ ‘ ତ୍ୟେନ ତ୍ୟେକ୍ତେନ ଭୁଂଜିଥାଃ’ ଅର୍ଥାତ ତ୍ୟାଗ ପୂର୍ବକ ଭୋଗ କରିବାକୁ ପରାମର୍ଶ ଦ୍ୱାରା ମହାତ୍ମା ଗାନ୍ଧୀ ପ୍ରଭାବିତ ଥିଲେ । ଗାନ୍ଧୀଙ୍କ ବିଚାରରେ ଉପନିଷଦର ଏହି କଥାକୁ ସବୁବେଳେ ଦେଖିବାକୁ ମିଳେ । ବିଶ୍ୱ ଆଜି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି ଓ ଏହି ସମସ୍ୟା କାରଣରୁ ତାର ଅସ୍ତିତ୍ୱ ମଧ୍ୟ ସଙ୍କଟରେ ପଡି ଯାଇଛି । ତାପମାତ୍ରା ବଢିବା, ଓଜୋନ ସ୍ତରରେ ଛିଦ୍ର ହେବା ଆଦି କାରଣରୁ ପୃଥିବୀରେ ଜୀବନର ଅସ୍ତିତ୍ୱ ଉପରେ ବିପଦ ସୃଷ୍ଟି ହୋଇଛି । ଏବେ ବିଶେଷଜ୍ଞ ମାନେ ସ୍ୱୀକାର କଲେଣି ଏହାର ମୂଳ କାରଣ ଅସୀମିତ ଉପଭୋଗ । ଅସୀମିତ ଉପଭୋଗ ପାଇଁ ଅସୀମିତ ଉତ୍ପାଦନର ଆବଶ୍ୟକତା ପଡିଥାଏ । ଅସୀମିତ ଉତ୍ପାଦନ ପାଇଁ ଅଧିକ ଏନର୍ଜି ଓ ଟେକ୍ନୋଲଜିର ଆବଶ୍ୟକତା ପଡିଥାଏ । ମୋଟ ଉପରେ କୁହାଯାଇପାରେ ଯେ ଅଳ୍ପ କିଛି ପ୍ରତିଶତ ଲୋକଙ୍କ ଜୀବନ ଶୈଳୀ ପୃଥିବୀର ସମସ୍ତ ଲୋକଙ୍କର ଜୀବନକୁ ବିପଦରେ ପକାଇ ଦେଇଛି । ଦେଶ- ବିଦେଶରେ ଏ ନେଇ ଚର୍ଚା ଆରମ୍ଭ ହୋଇ ଗଲାଣି ଯେ ଏହି ସଙ୍କଟରୁ କିଭଳି ନିସ୍ତାର ମିଳିବ । ଏହାକୁ ଏ ଦୁଃଖଦ ଆଶ୍ଚର୍ଯ୍ୟ ବୋଲି କୁହାଯାଇପାରେ ଯେ ଏଭଳି ଚର୍ଚା କରୁଥିବା ଲୋକ ମାନଙ୍କର ଧ୍ୟାନ ଏକ ବିଂଶ ଶତାବ୍ଦୀରେ ମହାତ୍ମା ଗାନ୍ଧୀଙ୍କ ଆଡକୁ ଯାଉଛି । ଏହି ଚର୍ଚା କରୁଥିବା ଲୋକଙ୍କ ମଧ୍ୟରେ ସେମାନେ ମଧ ସାମିଲ ଅଛନ୍ତି ଯେଉଁ ମାନେ ଗାନ୍ଧୀ ଜୀଙ୍କ ହିନ୍ଦ ସ୍ୱରାଜ ପୁସ୍ତକକୁ ପ୍ରାରମ୍ଭିକ ଦିନରେ ଖାରଜ କରି ଦେଇଥିଲେ । ମହାତ୍ମା ଗାନ୍ଧୀ ୧୯୨୭ରେ ଲେଖିଥିଲେ-“ ସମୟ ଆସୁଛି ଯେଉଁ ମାନେ ଆଜି ନିଜର ଆବଶ୍ୟକତାକୁ ଆଖିବୁଜି ବଢାଉଛନ୍ତି ଏବଂ ଭାବୁଛନ୍ତି ଯେ ଏଥିରେ ହିଁ ଜୀବନର ସାର ରହିଛି ଓ ଏହାହିଁ ବିଶ୍ୱର ସତ୍ୟ ଜ୍ଞାନ, ସେମାନେ ନିଜର ପାଦ ପଛକୁ ଫେରାଇବେ ଏବଂ ପଚାରିରେ ଆମର ଉପଲବ୍ଧି କଣ ରହିଲା ।” ମହାତ୍ମା ଗାନ୍ଧୀଙ୍କର ଏହି କଥନ ଆଜି ସମଗ୍ର ବିଶ୍ୱ ସାମନାରେ ଯକ୍ଷ ପ୍ରଶ୍ନ ଭାବରେ ଠିଆ ହୋଇଛି । ମହାତ୍ମା ଗାନ୍ଧୀଙ୍କ ଦ୍ୱାରା କହା ଯାଇଥିବା ଏହି କଥା ଆଜି ସବୁଠାରୁ ଅଧିକ ପ୍ରାସଙ୍ଗିକ । ଆଜି ଗ୍ଲୋବାଲ ୱାର୍ମିଂ, ପରିବେଶ ସଙ୍କଟ ଭଳି ଯେଉଁ ସମସ୍ୟା ଦେଇ ସମଗ୍ର ବିଶ୍ୱ ଗତି କରୁଛି ଓ ସମସ୍ୟାର ସମାଧାନ ପାଇଁ ଛଟପଟ ହେଉଛି, ସେ ସମ୍ପର୍କରେ ମହାତ୍ମା ଗାନ୍ଧୀ ୯ ଦଶନ୍ଧି ପୂର୍ବରୁ ହିଁ ଭବିଷ୍ୟତବାଣୀ କରି ଦେଇଥିଲେ । ବାସ୍ତବରେ ଗାନ୍ଧୀ ଜୀ ଜଣେ ଭବିଷ୍ୟଦ୍ରଷ୍ଟା ଥିଲେ । ଗାନ୍ଧୀ ଜୀ ଯାହା କହିଥିଲେ ତାହା ଏବେ ସତ୍ୟରେ ପରିଣତ ହେଉଛି । ସେତେବେଳେ ତାଙ୍କର ସମାଲୋଚକମାନେ ତାଙ୍କୁ ପୁରୁଣାକାଳିଆ ବୋଲି କହୁଥିଲେ । ୨୦୧୫ ଆସୁ ଆସୁ ତାଙ୍କର କଥା ସତ୍ୟରେ ପରିଣତ ହୋଇଛି । ବାସ୍ତବରେ ଗାନ୍ଧୀଜୀ ଭାରତର ସେହି ମହାନ ସନାତନ ପରମ୍ପରାର ବାହକ ଥିଲେ ଯିଏ ମନେ କରୁଥିଲେ ଯେ ମନୁଷ୍ୟକୁ ଭୋଗ ପଛରେ ଧାଇଁବା ଉଚିତ ନୁହେଁ ବରଂ ତ୍ୟାଗପୂର୍ବକ ଜୀବନ ଯାପନ କରିବା ଉଚିତ । ତଥାକଥିତ ଆଧୁନିକ ସଭ୍ୟତାର ସେ ସମାଲୋଚକ ଥିଲେ । ଏହାକୁ ସେ ଶୈତାନୀ ସଭ୍ୟତା ବୋଲି କହୁଥିଲେ । ଗାନ୍ଧୀ ଜୀ ହିନ୍ଦ ସ୍ୱରାଜରେ ଗୋଟିଏ ସ୍ଥାନରେ ଲେଖିଛନ୍ତି-“ଅର୍ଥ ମନୁଷ୍ୟକୁ ଲାଚାର କରିଦିଏ । ସେହିପରି ଆଉ ଏକ ଜିନିଷ ହେଲା ବିଷୟ ଭୋଗ । ଏହି ଦ୍ୱୟ ବିଷମୟ ଅଟନ୍ତି । ଆମକୁ ଯେତେବେଳେ ସାପ କାମୁଡି ଥାଏ, ସେତେବେଳେ ସେ ଆମ ଶରୀରକୁ ନେଇ ଆମକୁ ଛାଡି ଦେଇଥାଏ । କିନ୍ତୁ ଯେତେବେଳେ ଅର୍ଥ କିମ୍ବା ବିଷୟ ଭୋଗ କାମୁଡି ଥାନ୍ତି ସେତେବେଳେ ସେମାନେ ଆମ ଶରୀର, ପ୍ରାଣ, ମନ ( ଦେହ, ମନ ଆତ୍ମା) ସବୁ କିଛି ନେଇ ନିଅନ୍ତି ତଥାପି ଆମକୁ ମୁକ୍ତି ମିଳେ ନାହିଁ ।” ଗାନ୍ଧୀଜୀ ଶିଳ୍ପାୟନ ଓ ଯନ୍ତ୍ରବାଦର ତୀବ୍ର ବିରୋଧୀ ଥିଲେ । ଶିଳ୍ପାୟନକୁ ସେ ଅଭିଶାପ ବୋଲି ମନେ କରୁଥିଲେ । ତାଙ୍କର ମତ ଥିଲା ଯେ ଶିଳ୍ପାୟନ ଓ ଯନ୍ତ୍ରବାଦରେ ପୁଂଜିର କ୍ଷୁଧା ସବୁବେଳେ ରହିଥାଏ । ଏହାଫଳରେ ମାନବ ଓ ମାନବିକତା ସମ୍ପୂର୍ଣ ରୂପେ ଛାଡି ହୋଇଯାଇଥାଏ ଓ ପ୍ରକୃତିର ନାଶ ଘଟିଥାଏ । ଗାନ୍ଧୀଜୀ ଶ୍ରମିକ ମାନଙ୍କୁ ବିସ୍ଥାପିତ କରି ବେରୋଜଗାର କରି ଦେଇଥିବା ମେସିନର ଦୃଢ ବିରୋଧୀ ଥିଲେ । ହିନ୍ଦ ସ୍ୱରାଜର ପ୍ରସ୍ତାବନାରେ ଗାନ୍ଧୀଜୀଙ୍କ ଘନିଷ୍ଠ ସହଯୋଗୀ ଥିବା ମହାଦେବ ଦେଶାଇ ଗାନ୍ଧୀଜୀଙ୍କର ରାମଚନ୍ଦ୍ରନ ନାମକ କାର୍ଯ୍ୟକର୍ତାଙ୍କ ସହିତ କଥାବାର୍ତାର ବିବରଣୀ ଦେଇଛନ୍ତି । ରାମଚନ୍ଦ୍ରନ ଗାନ୍ଧୀଜୀଙ୍କୁ ପଚାରିଥିଲେ କଣ ଆପଣ ସମସ୍ତ ଯନ୍ତ୍ରର ବିରୋଧୀ । ଗାନ୍ଧୀଜୀ ଏହାର ଉତରରେ କହିଥିଲେ ଯେ “ମୋର ବିରୋଧ ଯନ୍ତ୍ର ପାଇଁ ନୁହେଁ ବରଂ ଯନ୍ତ୍ର ପଛର ଯେଉଁ ପାଗଳପଣ ଚାଲିଛି ତାର ମୁଁ ବିରୋଧୀ । ଏହାଦ୍ୱାରା ପରିଶ୍ରମ ବଂଚିଥାଏ ହେଲେ ଏହା ଲକ୍ଷ ଲକ୍ଷ ଲୋକ ବେକାର ହୋଇ ଭୋକରେ ଆଉଟୁପାଉଟୁ ହୋଇଥାନ୍ତି ।” ଗାନ୍ଧୀଜୀ କହିଥିଲେ ଯେ “ ସମୟ ଓ ଶ୍ରମ ବଂଚାଇବାକୁ ମୁଁ ମଧ୍ୟ ଚାହୁଁଛି, ତେବେ ଏହା କୌଣସି ଖାସ ବର୍ଗର ନୁହେଁ ବରଂ ସମଗ୍ର ମାନବ ଜାତିର ହେବା ଆବଶ୍ୟକ । ଆଜି କୋଟି କୋଟି ଲୋକଙ୍କର ବେକରେ କିଛି ଲୋକ ସବାର ହେବା ପାଇଁ ଯନ୍ତ୍ର ସହାୟକ ହେଉଛି । ଯନ୍ତ୍ରର ବ୍ୟବହାର ପଛରେ ପ୍ରେରକ କାରଣ ଶ୍ରମ ବଂଚାଇବା ନୁହେଁ ବରଂ ଧନର ଲୋଭ ଅଟେ । ଆଜିର ଏହି ଚାଲୁ ଅର୍ଥନୀତି ବିରୁଦ୍ଧରେ ମୁଁ ମୋର ସମସ୍ତ ଶକ୍ତି ଖର୍ଚ କରି ଯୁଦ୍ଧ କରୁଛି ।” ଗାନ୍ଧୀଜୀ ଯନ୍ତ୍ରବାଦ ଓ ଶିଳ୍ପାୟନର ତାର୍କିକ ବିରୋଧ କରିଥିଲେ । ଆଜି ଆମେ ଏତେ ବର୍ଷ ପରେ ଏହାକୁ ସ୍ପଷ୍ଟ ଅନୁଭବ କରି ପାରୁଛୁ । ଆମେ ଦେଖୁଛୁ ଯେ ବଡ ବଡ ଶିଳ୍ପ ଖୁବ ଅଧିକ ମାତ୍ରାରେ ଏନର୍ଜି ଆବଶ୍ୟକ କରନ୍ତି । ଏନର୍ଜି ବା ଶକ୍ତି ଉତ୍ପାଦନ ପାଇଁ ବଡ ବଡ ବନ୍ଧ ନିର୍ମାଣ କରିବାକୁ ପଡେ ବା ତାପଜ ବିଦ୍ୟୁତ ବା ଅନ୍ୟ କୌଣସି ଉପାୟ ଅବଲମ୍ବନ କରିବାକୁ ପଡେ । ଏହି କାରଣରୁ ଅନେକ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡିଥାଏ । ପରିବେଶର ମୂଲ୍ୟ ଦେଇ ଆମେ ବଡ ବଡ ଶିଳ୍ପ ସ୍ଥାପିତ କରୁ । ଏହି କାରଣରୁ ପ୍ରକୃତିର ସନ୍ତୁଳନ ବିଗିଡିବାରେ ଲାଗିଛି । ଶୁଦ୍ଧ ପବନ ଜଳ ଆମକୁ ମିଳୁନାହିଁ । ଫସଲ ମଧ ପ୍ରଦୂଷିତ ହୋଇ ସାରିଛି । ଗାନ୍ଧୀଜୀଙ୍କର ସ୍ପଷ୍ଟ ମତ ଥିଲା ଯେ ଯନ୍ତ୍ରବାଦ ଓ ଶିଳ୍ପାୟନ ଫଳରେ ସମାଜରେ ବିଷମତା ତିଆରି ହେବ । ଏହା ଫଳରେ ବିଶାଳ ପରିମାଣରେ ଉତ୍ପାଦନ ହେବ । ବିଶାଳ ପରିମାଣରେ ଉତ୍ପାଦନ ଫଳରେ ସଙ୍କଟ ଉତ୍ପନ୍ନ ହେବ । ସ୍ଥାନୀୟ ଆବଶ୍ୟକତା ଅନୁସାରେ ସ୍ଥାନୀୟ ଅଂଚଳରେ ଉତ୍ପାଦନ ବିତରଣ କରିବା ଦ୍ୱାରା ଏପରି ସମସ୍ୟାର ସମାଧାନ କରାଯାଇପାରେ । ଗାନ୍ଧୀଜୀ ଲେଖିଛନ୍ତି ଯେ “ମୁଁ ସ୍ପଷ୍ଟ ଭାବରେ ମୋର ମତ ପୋଷଣ କରିବାକୁ ଚାହୁଁଛି ଯେ ବିଶାଳ ପରିମାଣରେ ଉତ୍ପାଦନର ଉନ୍ମାଦ ବିଶ୍ୱ ସଙ୍କଟ ପାଇଁ ଉତରଦାୟୀ । ଗୋଟିଏ କ୍ଷଣ ପାଇଁ ଆମେ ଯଦି ମାନି ନେବା ଯେ ମେସିନ ମାନବଜାତିର ସମସ୍ତ ଆବଶ୍ୟକତାକୁ ପୂରଣ କରିପାରିବ, ତେବେ ମଧ୍ୟ ଏହାର କାର୍ଯ୍ୟ ଉତ୍ପାଦନର ବିଶିଷ୍ଟ କ୍ଷେତ୍ରରେ କେନ୍ଦ୍ରିତ ରହିବ । ଏହାର ବିତରଣକୁ ରେଗୁଲେଟ (ନିୟମନ) କରିବା ପାଇଁ ଏକ ଜଟିଳ ବ୍ୟବସ୍ଥା ଅଲଗା ଭାବେ କରିବାକୁ ପଡିବ । ଏହାର ଓଲଟା ଯେଉଁ କ୍ଷେତ୍ରରେ ଯେଉଁ ବସ୍ତୁର ଆବଶ୍ୟକତା ରହିଛି ଯଦି ସେଠାରେ ହିଁ ତା’ର ଉତ୍ପାଦନ ଓ ବିତରଣ କରାଯାଏ ତେବେ ଏହାର ନିୟମନ ସ୍ୱୟଂ ହୋଇଯାଇଥାଏ ଓ ଏଥିରେ ଧୋଖା ହେବାର ସମ୍ଭାବନା କମିଯାଇଥାଏ, ସଟ୍ଟେବାଜୀର ସମ୍ଭାବନା ତ’ କ୍ଷୀଣ ହୋଇଯାଇଥାଏ ।” (ହରିଜନ ୨.୧.୧୯୩୪)। ସମସ୍ୟାର ସମାଧାନ ପ୍ରକୃତି ସହ ଲଢେଇରେ ନାହିଁ ବରଂ ସମନ୍ୱୟରେ ରହିଛି । ବିଶ୍ୱ ସମ୍ମୁଖରେ ଦଣ୍ଡାୟମାନ ଏହି ସଙ୍କଟର ସମାଧାନ ପାଇଁ ଜୀବ ଓ ପ୍ରକୃତିର ସମ୍ପର୍କକୁ ପୁଣି ଥରେ ସେହି ପ୍ରକାର ପୁନଃ ସଂଜ୍ଞାକୃତ କରିବାକୁ ହେବ ଯେପରି ଭାରତରେ ହଜାରହଜାର ବର୍ଷ ହେଲା କରାଯାଇଆସୁଛି । ଖଣ୍ଡ ଖଣ୍ଡ ଦୃଷ୍ଟି ଜୀବନକୁ ଖଣ୍ଡିତ କରିଥାଏ ଓ ଏହା ଦୁଃଖର ମୂଳ କାରଣ ଅଟେ । ମହାତ୍ମା ଗାନ୍ଧୀଙ୍କର ଏହି ଦର୍ଶନ ହେଉଛି ସେହି ଏକାତ୍ମ ଦର୍ଶନ, ଯାହା ମନୁଷ୍ୟକୁ ସୁଖୀ କରିଥାଏ ଓ ପ୍ରକୃତିର ସଂରକ୍ଷଣ କରିଥାଏ ।



**ସୌଜନ୍ୟ: ଡ. ସମନ୍ୱୟ ନନ୍ଦ**

# ଭାରତର ମହାନତା

ଜମ୍ବୁଦ୍ୱୀପ ମଧରେ ଭାରତବର୍ଷ ଧର୍ମ ଓ କର୍ମଭୂମି ନାମରେ ସୁପରିଚିତ। ଜଗତରେ ଅନ୍ୟାନ୍ୟ ସମସ୍ତ ସ୍ଥାନ ଭୋଗଭୂମି। ସହସ୍ର ସହସ୍ର ଜନ୍ମ ପରେ ପୁଣ୍ୟ ଫଳରୁ କେବେ କେବେ ମନୁଷ୍ୟ ଏହି ଭାରତବର୍ଷରେ ଜନ୍ମଲାଭ କରିଥାଆନ୍ତି। ଭାରତବର୍ଷରେ ମନୁଷ୍ୟ ଜନ୍ମ ନେବା ଦୁର୍ଲ୍ଲଭ। ମହା ସୌଭାଗ୍ୟର ବିଷୟ। ସ୍ୱର୍ଗର ଦେବତାମାନେ ମଧ ଏ ଭୂଇଁରେ ମନୁଷ୍ୟ ଜନ୍ମ ନେବାକୁ ଅଧିକ ସୌଭାଗ୍ୟର ବିଷୟ ବୋଲି ଭାବିଥାଆନ୍ତି। ଏହି ଭାରତବର୍ଷର ଋଷିମାନେ କଠୋର ତପସ୍ୟା କରିଛନ୍ତି। ତା’ର ଫଳସ୍ୱରୂପ ସମଗ୍ର ବିଶ୍ୱବାସୀ ଓ ସ୍ୱର୍ଗର ଦେବତାମାନଙ୍କୁ ଯାହା କହିଛନ୍ତି ତାହା ଶ୍ୱେତାଶ୍ୱେତର ଉପନିଷଦରେ କୁହାଯାଇଛି-‘ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ’-ହେ ବିଶ୍ୱବାସୀ ଅମୃତର ସନ୍ତାନଗଣ, ତୁମ୍ଭେମାନେ ଶୁଣ! ହେ ଦିବ୍ୟଧାମବାସୀ ସ୍ୱର୍ଗର ଅମରବୃନ୍ଦ ତୁମ୍ଭେମାନେ ଶୁଣ! ଆମେ ସେହି ମହାନ ପୁରୁଷଙ୍କୁ ଜାଣିଛୁ ଯେ ସମସ୍ତ ଅଜ୍ଞାନ ଅନ୍ଧକାରରୁ ଅତୀତ ଓ ଦିବ୍ୟଜ୍ୟୋତିର୍ମୟ। ତାଙ୍କୁ ଜାଣିବା ମାତ୍ରକେ ଏହି ମୃତ୍ୟୁମୟ ସଂସାରକୁ ଅତିକ୍ରମ କରିହୁଏ। ଏହା ଭିନ୍ନ ଦ୍ୱିତୀୟ କୌଣସି ପଥ ନାହିଁ। ସେହିପରି କଠୋପନିଷଦରେ ବର୍ଣ୍ଣନା ଅଛି,ଋଷି ବାଜଶ୍ରବା ବିଶ୍ୱଜିତ ଯଜ୍ଞ ଶେଷରେ ବ୍ରାହ୍ମଣମାନଙ୍କୁ ଦକ୍ଷିଣାସ୍ୱରୂପ ଗୋ ଦାନ କରୁଥିଲେ। ତାଙ୍କ ପୁତ୍ର ନଚିକେତା ପଚାରିଲା - ବାପା! ଏ ବୃଦ୍ଧା ଗାଈ ମାନଙ୍କୁ ବ୍ରହ୍ମଣଙ୍କୁ ଦେଉଛ। ଭଲ ଜିନିଷ ଦେବା ଉଚିତ। ଯଦି ଏ ଗାଈମାନଙ୍କୁ ଦାନ କରୁଛ, ତେବେ ମତେ କାହାକୁ ଦାନ କରିବ? ଏପରି ତିନିଥର କହିବାରୁ ବାପା କହିଲେ - ‘ତତେ ଯମକୁ ଦେବି।’ ନଚିକେତା ପିତାଙ୍କ କଥାକୁ ସତ୍ୟମାନି ନେଲେ। ତିନିଦିନ ଧ୍ୟାନସ୍ଥ ହୋଇ ରହିଲେ। ତିନିଦିନ ଧରି ବ୍ରହ୍ମଚାରୀ ଉପବାସରେ ଥିବାରୁ ଯମ ଆସି ତାଙ୍କୁ କ୍ଷମା ମାଗିଲେ। ତପସ୍ୟାରେ ସନ୍ତୁଷ୍ଟ ହୋଇ ତିନିଟି ବର ମାଗିବାକୁ କହିଲେ। ଯମ କହିଲେ - ‘ମୁଁ ତୁମକୁ ସମଗ୍ର ପୃଥିବୀର ରାଜା ଓ ଭୋଗ ସାମଗ୍ରୀକୁ ଦେବି।’ ନଚିକେତା କହିଲେ - ‘ଆପଣ କାଳ ହୋଇ ପୁଣି ସେହି ଭୋଗ ସାମଗ୍ରୀ ଓ ରାଜ୍ୟକୁ ହରଣ କରିବେ କି ନାହିଁ? ମୁଁ ଚାହୁଁଛି ଆତ୍ମ ତତ୍ତ୍ୱ, ମୃତ୍ୟୁ ରହସ୍ୟ ଜାଣିବା ପାଇଁ। ଆପଣ ମୋତେ ଏତେ ଭୋଗ ସାମଗ୍ରୀ ଦେଇ ଭୁଲାନ୍ତୁ ନାହିଁ।’ ଶେଷରେ ବୈବାସ୍ୱତ ଯମ ତାଙ୍କୁ ଆତ୍ମଜ୍ଞାନ ପ୍ରଦାନ କଲେ। ଏଇ ଭାରତବର୍ଷର ଶିଶୁ ବାଳକ ନଚିକେତା ମଧ ଭୋଗକୁ ତ୍ୟାଗ କରି ଆତ୍ମାଭିମୁଖୀ ହୋଇଥିଲେ। ଏ ସେହି ଭାରତବର୍ଷ। ଯୋଉଠି ଆଦିଶଙ୍କର ସନାତନ ଧର୍ମ ପ୍ରଚାର କରୁଥିଲେ। ସେହି ସମୟରେ ପ୍ରଚଣ୍ଡ ଜ୍ଞାନୀ ମଣ୍ଡନ ମିଶ୍ରଙ୍କୁ ଯୁକ୍ତିରେ ପରାସ୍ତ କଲେ। ପୁଣି ଆସିଲେ ଉଭୟ ଭାରତୀ। ଆଲୋଚନା ଚାଲିବା ସମୟରେ ଉଭୟ ଭାରତୀ କାମକଳା ସମ୍ପର୍କରେ ପ୍ରଶ୍ନକଲେ। ଆଚାର୍ଯ୍ୟ ଶଙ୍କର ଉତ୍ତର ଦେବାକୁ ଅକ୍ଷମ ହେଲେ। ଉଭୟ ଭାରତୀଙ୍କଠାରୁ ଏକ ମାସ ସମୟ ନେଲେ। କାୟା ପ୍ରବେଶ କ୍ରିୟା ତାଙ୍କୁ ମାଲୁମ ଥିଲା। ନିଜ ଶରୀରକୁ ଶିଷ୍ୟମାନଙ୍କ ଦ୍ୱାରା ଗୋଟିଏ ଗୁମ୍ଫାରେ ସୁରକ୍ଷା ଦେଲେ। ସେହି ଶରୀରରୁ ବାହାରି ଅମର୍କ ନାମକ ରାଜାଙ୍କ ମୃତ ଶରୀରରେ ପ୍ରବେଶ କଲେ ଏବଂ ରାଣୀଙ୍କ ନିକଟକୁ ଗଲେ। ଏକମାସ ଭିତରେ ରାଣୀଙ୍କଠାରୁ ସମସ୍ତ କାମକଳାର ରହସ୍ୟ ଆୟତ୍ତ କଲେ। ପୁନର୍ବାର ଉଭୟଭାରତୀଙ୍କ ନିକଟକୁ ଫେରିଆସି ତାଙ୍କୁ ଯୁକ୍ତିରେ ପରାସ୍ତ କଲେ। ଆଦିଶଙ୍କର ଏକାଧାରରେ ଜ୍ଞାନୀ ଓ ଯୋଗୀ ଥିଲେ। ସେ ଗୁରୁଙ୍କଠାରୁ ଯୋଗ ରହସ୍ୟ ଶିକ୍ଷା କରିଥିଲେ। ଯୋଗୀ ପ୍ରଥମେ ସଂଯମ ଦ୍ୱାରା ସମାଧି ଦ୍ୱାରା ଚିତ୍ତ ବନ୍ଧନକୁ ମୁକ୍ତ କରିଦିଅନ୍ତି। ନାଡ଼ିପଥ ଦେଇ ବାହାରକୁ ନିଷ୍କାସନ ପୂର୍ବକ ଇଚ୍ଛାନୁରୂପ ପର ଶରୀରରେ ପ୍ରବିଷ୍ଟ କରାଇ ତା’ଠାରେ ସ୍ୱଶରୀର ଭଳି ସୁଖ ଦୁଃଖାଦି ଅନୁଭବ କରିଥାଆନ୍ତି। ଯୋଗୀ ଆତ୍ମ ଶରୀର ପୂର୍ବ ପର ଶରୀରରେ ନିଜର ମନ ପ୍ରାଣ ଓ ଇନ୍ଦ୍ରିୟମାନଙ୍କୁ ସ୍ଥାପିତ କରି ତଦ୍ୱାରା ଇଚ୍ଛାପୂର୍ବକ ଆହାର ବିହାର କରିବାକୁ ସମର୍ଥ ହୋଇଥାଆନ୍ତି। ତାଙ୍କ ନିଜ ଶରୀର ଜଡ଼ବତ ହେଲେ ମଧ ତହିଁରେ ପ୍ରାଣ ଥିବାରୁ ତାହା ସତେଜ ରହିଥାଏ। ଆଜି ସେହି ଭାରତ ବର୍ଷର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦୈନନ୍ଦିନ ଅନ୍ୟାୟ, ଅତ୍ୟାଚାର, ହତ୍ୟା, ଭ୍ରଷ୍ଟାଚାର, ଠକାମୀ ଭଳି ନାରକୀୟ କାଣ୍ଡ ଘଟୁଛି। ଏହାର କାରଣ କ’ଣ? ଆଜି ବିଜ୍ଞାନ ଯୁଗରେ ସମସ୍ତେ ଶିକ୍ଷିତ। ଚାଲିଚଳଣୀ ହାବଭାବ ସବୁ ବଦଳିଛି। କିନ୍ତୁ ଆଧ୍ୟାତ୍ମିକ ଜ୍ଞାନର ଅଭାବ ହେତୁ ଯେଉଁ ଭାରତ ତ୍ୟାଗର ଭୂମି ଥିଲା, ତାହା ଆଜି ଭୋଗର ଭୂମିରେ ପରିଣତ ହୋଇଛି। ଭାଗବତରେ ଅଛି ବିଷୟ ଆପଦର ସ୍ଥାନ ଏହା ଜାଣନ୍ତି ସର୍ବଜନ। ପ୍ରତ୍ୟେକ ଲୋକ ନ୍ୟାୟ ଅନ୍ୟାୟ ବିଷୟରେ ଜାଣୁଛି। ଧର୍ମ-ଅଧର୍ମ ବିଷୟରେ ଗୋଚର ହେଉଛି ତଥାପି ଶାରୀରିକ ସୁଖ ଆଶାରେ ଭୋଗ ଅଭିମୁଖୀ ହେଉଛି। ସେ ଯେ ସେହି ଋଷିମାନଙ୍କର ବଂଶଧର ତାହା ପାଶୋରି ଦେଉଛି। ଋଷିମାନଙ୍କର ନାମ ଅନୁସାରେ ମଣିଷର ଗୋତ୍ର ସୃଷ୍ଟି ହୋଇଛି। ଯେମିତି କଶ୍ୟପ, ଅତ୍ରୀ, ମୈତ୍ରେୟୀ, ଭରଦ୍ୱାଜ, ବଶିଷ୍ଟ, ନାଗେଶ୍ୱର ଇତ୍ୟାଦି। ତାଙ୍କ ରଚିତ ଶାସ୍ତ୍ର ପାଠ କଲେ ଓ ତଦନୁସାରେ ଜୀବନଯାପନ କଲେ ଭାରତର ସୁନାର ଅତୀତ ଫେରିଆସନ୍ତା।

# ଆରଏସ୍ଏସ୍ର ଅସଲ ଚେହେରା

ଆମ ଗାଁ ମଝିରେ ଗୋଟିଏ ମଣ୍ଡପ ଅଛି । ଖରା ନଇଁଲେ ଗାଁ ର ଅନେକ ଲୋକ ସେଠାରେ ଭିଡ ଜମାନ୍ତି । ଖଟି କରନ୍ତି । ଏହି ଖଟି ପ୍ରାୟ ରାତି ୭ଟା ୮ଟା ପର୍ଯ୍ୟନ୍ତ ଚାଲେ । ସୁଧାକର ବାବୁ ଏକ ଦୈନିକ ଖବର କାଗଜ ଆଣି ଦେଖାଇ କହିଲେ ‘ଦେଖିଲଣି ଆମ ରାହୁଲ ଗାନ୍ଧି କଣ



କରିଛନ୍ତି ।’ ଜଗବନ୍ଧୁ ବାବୁ କହିଲେ ‘କି ହୋ ତମ ରାହୁଲ ଗାନ୍ଧି କଣ କହିଲେ କି ?’ ସୁଧାକର ବାବୁ କହିଲେ ‘କରୋନା ସଂକ୍ରମଣକୁ ଦେଖି ସେ ସମସ୍ତ ନିର୍ବାଚନୀ ସଭାକୁ ବାତିଲ କରିଛନ୍ତି ।’ ଜଗବନ୍ଧୁ ବାବୁ କହିଲେ ‘ତମେ ତମ ରାହୁଲ ଗାନ୍ଧିଙ୍କର ଅସଲ ଚେହେରା ଜାଣିନ କି ? କରୋନା ସମୟରେ କଂଗ୍ରେସ କିଛି କରିବନି, ଯେଉଁମାନେ କରୋନା ସଂକ୍ରମଣରୁ ଲୋକମାନଙ୍କୁ ବଂଚାଇବା ପାଇଁ କିଛି କରୁଛନ୍ତି, ସେମାନଙ୍କୁ କେବଳ ସମାଲୋଚନା କରି ଶିଖିଛି କଂଗ୍ରେସ ।’ ସୁଧାକର ବାବୁ ରାଗି ଯାଇ କହିଲେ ‘ସେତକି ଥାଉ, ଆମେ ତମ ଆରଏସ୍ଏସ୍ ବାଲାଙ୍କ ଅସଲ ଚେହେରା ଜାଣିଛୁ । କରୋନା ସମୟରେ ତମେ କଣ କରିଛ କହିଲ ? ’ ଜଗବନ୍ଧୁ ବାବୁ ତାଙ୍କ ମୋବାଇଲରୁ ସଙ୍ଗେ ସଙ୍ଗେ ଏକ ଇ-ପେପର ବାହାର କରି ଦେଖାଇ ଦେଲେ । ‘ଦେଖ ଗତ ବର୍ଷ କରୋନା ସମୟରେ ସଂଘ ଏହି ସବୁ କାମ କରିଛି ।’ ସୁଧାକର ବାବୁ କହିଲେ ‘ମୁଁ ତମର ଲମ୍ବା ତାଲିକା ଦେଖିବାକୁ ଚାହୁଁନି । ଏବେ ତମ ସଂଘ କଣ କରୁଛି କୁହ ?’

ଜଗବନ୍ଧୁ ବାବୁ କହିଲେ ‘କୁମ୍ଭମେଳା ୧୩ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ ବନ୍ଦ କରି ଦିଆଗଲା । ନଚେତ୍ ମୁଁ ତୁମକୁ ସେଇଠିକି ନେଇ ଯାଇଥାନ୍ତି । ସେଠାରେ ସଂଘର ଅସଲ ଚେହେରା ତୁମକୁ ଦେଖାଇ ଦେଇଥାନ୍ତି ।’

ସୁଧାକର ବାବୁ କହିଲେ ‘ସଂଘ ସେଠାରେ କଣ ଏମିତି କରି ପକାଇଲା ଯେ, ତମେ ମୋତେ ସେଠାରେ ସଂଘର ଅସଲ ଚେହେରା ଦେଖାଇ ଦେଇଥାନ୍ତ ?’

ଜଗବନ୍ଧୁ ବାବୁ କହିଲେ ‘ଆର ଏସ୍ ଏସ୍ ଏବେ କୁଣ କରୁଛି ? ସଂଘ କଣ କରୁଛି ? ଏ ପ୍ରଶ୍ନର ଉତର ଅନେକ ଅଛି । ଆପଣକୁ ପୁରୁଣା କଥା କିଛି କହୁନାହିଁ । ଆପଣ ଯଦି ହରିଦ୍ୱାର କୁମ୍ଭ ଯାଇଥାନ୍ତେ ତେବେ ନିଶ୍ଚିତ ରୂପେ ସ୍ୱୟଂସେବକମାନଙ୍କର ଅସଲ ଚେହେରା ଜାଣି ପାରିଥାନ୍ତେ । ଯେଉଁମାନେ କୁମ୍ଭକୁ ଯାଇଛନ୍ତି ସେମାନେ ସଂଘ ଓ ସ୍ୱୟଂସେବକମାନଙ୍କ ବିଷୟରେ ନିଶ୍ଚିତ ରୂପେ ଅବଗତ ହୋଇଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏପରି ବ୍ୟକ୍ତି ନିର୍ମାଣ କରିଛି, ଯେଉଁମାନେ ନିଜର ସର୍ବସ୍ୱ ଦେଶ, ସମାଜ ଏବଂ ଧର୍ମ ପାଇଁ ଉତ୍ସର୍ଗ କରିଛନ୍ତି ।’

ଯେଉଁ ସମୟରେ ସାଧାରଣ ଲୋକ ଘରୁ ବାହାରକୁ ଯିବାକୁ ଭୟ କରୁଛି ସେ ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକ ମାନେ କୁମ୍ଭ ଅଂଚଳର ୪୫ରୁ ଅଧିକ ସ୍ଥାନରେ ନିୟୋଜିତ ହୋଇ କୁମ୍ଭର ଟ୍ରାଫିକ ବ୍ୟବସ୍ଥାରେ ପୋଲିସକୁ ସାହାଯ୍ୟ କରିଥିଲେ । ଉତରାଖଣ୍ଡର ସୀମାନ୍ତ ଅଂଚଳ ପିଥୋରାଗଡରୁ ଚମୋଲି, ତେହେରୀ, ପୌଡି, ମନୁସାରୀ ପର୍ଯ୍ୟନ୍ତ ସ୍ୱୟଂସେବକମାନେ କୁମ୍ଭ ମେଳାରେ ସେବାକାମରେ ଲାଗିଥିଲେ । ଅନେକ ସ୍ଥାନରେ ପୋଲିସ ଓ ସାମରିକ ବାହିନୀଙ୍କ ସହିତ ସ୍ୱୟଂସେବକମାନେ କାର୍ଯ୍ୟ କରୁଥିବା ବେଳେ ଆହୁରି କେତେକ ସ୍ଥାନରେ କେବଳ ସ୍ୱୟଂସେବକମାନେ ହିଁ ଟ୍ରାଫିକ୍ ପରିଚାଳନା କରୁଥିଲେ । କାର୍ଯ୍ୟକର୍ତାମାନଙ୍କ ଉତ୍ସାହ ଦେଖି ସ୍ଥାନୀୟ ବ୍ୟବସାୟୀ, ସମାଜସେବୀ ତଥା ସମାଜର ଅନ୍ୟ ଲୋକମାନେ ସ୍ୱୟଂସେବକମାନଙ୍କ ପାଇଁ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା ମଧ କରିଥିଲେ ।

ସେହି ଅଂଚଳର ସଂଘର କ୍ଷେତ୍ର ଶାରିରୀକ ପ୍ରମୁଖ ନରେଶ କୁମାର କହିଛନ୍ତି ଯେ, ସମଗ୍ର କୁମ୍ଭ ଅଂଚଳରେ ୧୫୦୦ରୁ ଅଧିକ ସ୍ୱୟଂସେବକ ସେବା କାର୍ଯ୍ୟରେ ନିୟୋଜିତ ଥିଲେ । ହରିଦ୍ୱାର ସହର ବ୍ୟତୀତ ଲକ୍ସର, ରଡକୀ, ଭଗବାନପୁର, ଋଷିକେଶ ଆଦି କୁମ୍ଭ ଅଂଚଳରେ ସ୍ୱୟଂସେବକମାନେ ଟ୍ରାଫିକ ବ୍ୟବସ୍ଥା ପରିଚାଳନା ପାଇଁ ପୋଲିସ ସହ ସହଯୋଗ କରିଥିଲେ । ଏହି କାର୍ଯ୍ୟପାଇଁ ସ୍ୱୟଂସେବକମାନଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇ ଦିଆଯାଉଥିଲା । ସ୍ୱୟଂସେବକମାନଙ୍କର ରହିବା, ଖାଇବା ଏବଂ ସେବା ସ୍ଥାନକୁ ଯିବାର ସମସ୍ତ ବ୍ୟବସ୍ଥା ସ୍ଥାନୀୟ କାର୍ଯ୍ୟକର୍ତାମାନେ ବୁଝୁଥିଲେ ।

କୁମ୍ଭମେଳାରେ ସଂଘ କଣ କରୁଥିଲା ସେ ବିଷୟରେ ଆପଣଙ୍କୁ ଅଳ୍ପ କିଛି କହିଲି । ଏବେ ଦେଶରେ



କରୋନା ଭାଇରସ୍ର ଦ୍ୱିତୀୟ ଲହରୀ ଆତଙ୍କ ସୃଷ୍ଟି କରି ଚାଲିଛି । ସେ ସମୟରେ ଆର ଏସ୍ ଏସ୍ କଣ କରୁଛି ସେ ବିଷୟରେ ଆପଣଙ୍କୁ କହୁଛି । କରୋନା ସଂକ୍ରମଣ ବଢୁଥିବାରୁ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଜନଭାବନାକୁ ସମ୍ମାନ ଦେଇ ମୃତ୍ୟୁ ବ୍ୟକ୍ତିମାନଙ୍କର ଅନ୍ତିମ ସଂସ୍କାର କରିବା ପାଇଁ ରାଜକୋଟ ପ୍ରଶାସନ ପାଇଁ କଷ୍ଟସାଧ ହୋଇ ପଡିଥିଲା ।

ଗତବର୍ଷ କରୋନା ସଂକଟ ସମୟରେ ତାଲା ବନ୍ଦ ଓ ତାପରେ ସେବାଭାରତୀ ମାଧ୍ୟମରେ ସ୍ୱୟଂସେବକମାନଙ୍କ ଦ୍ୱାରା କରାଯାଇଥିବା ସେବା କାର୍ଯ୍ୟ ବିଷୟରେ ରାଜକୋଟ ପ୍ରଶାସନ ଅବଗତ ଥିଲେ । ଏହି ପରିସ୍ଥିତିର ନିୟନ୍ତ୍ରଣ କରିବା ପାଇଁ ରାଜକୋଟ ପ୍ରଶାସନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହାୟତା ନେବା ପାଇଁ ବିଚାର କଲେ ।

ଉପଜିଲ୍ଲାପାଳ ଏବଂ ମେଡିକାଲ ପ୍ରଶାସନ ରାଜକୋଟ ମହାନଗର ସଂଘଚାଳକ ଡ. ଜିତେନ୍ଦ୍ର ଅମଲାନୀଙ୍କୁ ଏକ ବୈଠକ ପାଇଁ ଡାକି କରୋନା ସଂକ୍ରମଣରେ ମୃତକଙ୍କ ଅନ୍ତିମ ସଂସ୍କାର ପାଇଁ ସହାୟତା କରିବାକୁ କହିଲେ । ସଂଘଚାଳକ ପ୍ରଶାସନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ । ଏହାପରେ ସଂଘଚାଳକ ସେଠାରୁ ଫେରି ମହାନଗରର ସମସ୍ତ କାର୍ଯ୍ୟକର୍ତାମାନଙ୍କ ସମ୍ମୁଖରେ ଉକ୍ତ ବିଷୟ ରଖିଲେ । ତା’ପରେ ଯୁବକ ସ୍ୱୟଂସେବକମାନେ ରାଜକୋଟ ମହାନଗରରେ ଥିବା ସମସ୍ତ ଶ୍ମଶାନ ଗୁଡିକରେ କିପରି ଶବଦାହ କରାଯିବ ତାର ଦାୟିତ୍ୱ ନିଜ ନିଜ ମଧ୍ୟରେ ବାଂଟି ନେଇଥିଲେ । ମେଡିକାଲରେ କରୋନା ସଂକ୍ରମଣରେ ଆକ୍ରାନ୍ତ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କର ଶବକୁ ସସମ୍ମାନ ସହିତ ଆଣି ବିଧି ବିଧାନ ପୂର୍ବକ ଆତ୍ମୀୟ ସ୍ୱଜନମାନଙ୍କ ଭାବନାକୁ ସମ୍ମାନ ଦେଇ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ନିର୍ଦ୍ଦେଶାବଳୀ ପାଳନ କରି ଅନ୍ତିମ ସଂସ୍କାର କରୁଛନ୍ତି ।

କେବଳ ସେତିକି ନୁହେଁ । କରୋନା ମହାମାରୀକୁ ପରାସ୍ତ କରିବା ପାଇଁ ସାରା ଦେଶରେ ଟୀକା ଉତ୍ସବ ଚାଲୁଅଛି । ଏହି ଉତ୍ସବରେ ସଂଘର ସ୍ୱୟଂସେବକମାନଙ୍କ ସହଯୋଗ ମଧ କମ୍ ନୁହେଁ । ମଧ୍ୟପ୍ରଦେଶ ସରକାରଙ୍କ ସହଯୋଗରେ ସେବାଭାରତୀ ମାଧ୍ୟମରେ ସ୍ୱୟଂସେବକମାନେ ୧୬ଟି ସ୍ଥାନରେ ଟିକାକରଣ ଶିବିର ଚଳାଉଛନ୍ତି । ସେବା ବସ୍ତିରେ ରହୁଥିବା ବୃଦ୍ଧ ମହିଳା ଏବଂ ପୁରୁଷମାନଙ୍କୁ କୋଭିଡ ଟିକା ପାଇଁ ଉତ୍ସାହିତ କରୁଛନ୍ତି । ସେବା ଭାରତୀ ଦ୍ୱାରା ଚାଲିଥିବା ୧୬ଟି ଟିକାକରଣ ଶିବିରରେ ପ୍ରତ୍ୟେକ ଦିନ ୪୦୦୦ ଉର୍ଦ୍ଧ୍ୱ ଲୋକ ଟିକା ନେଉଛନ୍ତି । ଯାହାଙ୍କର ବୟସ ୪୫ ବର୍ଷରୁ ଉର୍ଦ୍ଧ୍ୱ । ସ୍ୱୟଂସେବକମାନେ ଅନେକ ସ୍ଥାନରେ କୋଭିଡ ସେଂଟର ଦାୟିତ୍ୱ ନେଇଛନ୍ତି । କେଉଁଠି କରୋନା ରୋଗୀଙ୍କୁ ମେଡିକାଲରେ ନେଇ ପହଁଚାଉଛନ୍ତି । ମେଡିକାଲରେ ସୁବିଧା ଅସୁବିଧା ବୁଝୁଛନ୍ତି । ପ୍ରବାସୀମାନଙ୍କ ପାଇଁ ଅନେକ ପ୍ରକାର ସେବା ଯୋଗାଇ ଦେଉଛନ୍ତି । ସ୍ୱୟଂସେବକମାନଙ୍କର କେଉଁ କାମ ବିଷୟରେ ଆପଣଙ୍କୁ କହିବି ?

ସମଗ୍ର ସମାଜ ଆମର ଏବଂ ଏହାର ସୁରକ୍ଷା ଦାୟିତ୍ୱ ଆମର । ଏହି ଭାବନା ନେଇ ସେବା ଭାରତୀ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନେ କରୋନା ସଂକ୍ରମଣରୁ ସମାଜକୁ ସୁରକ୍ଷିତ ରଖିବା ପାଇଁ ଘର ଘର ବୁଲି ସଚେତନ କରୁଛନ୍ତି । ଏଥିସହିତ ସ୍ୱୟଂସେବକ ମାନେ ସାମାଜିକ ଗଣମାଧ୍ୟମରେ ସ୍ୱତନ୍ତ୍ର



ଜନସଚେତନତା ଅଭିଯାନ ଚଳାଇଛନ୍ତି । ଲୋକମାନଙ୍କୁ ସଚେତନ କରିବା ସହିତ ଟୀକାକରଣ କେନ୍ଦ୍ରକୁ ଯିବାକୁ ମଧ ଉତ୍ସାହିତ କରୁଛନ୍ତି । ସ୍ୱୟଂସେବକମାନଙ୍କ ସେବା ପ୍ରତି ନିଷ୍ଠା ଦେଖି ସମାଜରେ ସଂଘ ପ୍ରତି ସମ୍ମାନ ବୃଦ୍ଧି ପାଇବାରେ ଲାଗିଛି । ଏଥିସହିତ ସମାଜ ମଧ ପ୍ରେରଣା ପାଇବାରେ ଲାଗିଛି ।

**ଗୋଲଖ ଚନ୍ଦ୍ର ଦାସ**
**ଘିଗିଡିଆ, ବାରୁଅ, କେନ୍ଦ୍ରାପଡା,**
**ମୋ-୯୮୬୧୦୨୮୫୪୩**

# ଖୋରଧା ଐତିହ୍ୟ ପରିଷଦର ଆଲୋଚନାଚକ୍ର

ଭୁବନେଶ୍ୱର (ପିଏନ୍): ଖୋରଧା ରାଜ୍ୟ ପ୍ରତିଷ୍ଠାତା ଗଜପତି ଅଭିନବ ଇନ୍ଦ୍ରଦ୍ୟୁମ୍ନ ରାମଚନ୍ଦ୍ର ଦେବ ଏବଂ ତାଙ୍କର ପରବର୍ତ୍ତୀ ଗଜପତିମାନେ ବରୁଣେଇ ପର୍ବତର ପାଦଦେଶରେ ଲୁକ୍କାୟିତ ଗଭୀର ଅରଣ୍ୟାନି ପରିବେଷ୍ଟିତ ଓ ଚତୁର୍ଦ୍ଦିଗରେ ଅନ୍ୟାନ କ୍ଷୁଦ୍ର ଦୂର୍ଗ ଦ୍ୱାରା ସୁରକ୍ଷିତ ଖୁରୁଧା ଦୂର୍ଗ ପ୍ରତିଷ୍ଠାକରି ନିଜର ରଣକୌଶଳ ଓ ଦୂର ଦୃଷ୍ଟିର ପରିଚୟ ଦେଇଥିଲେ। ମୋଗଲ ଓ ମରହଟ୍ଟା ରାଜତ୍ୱ କାଳରେ ବାହ୍ୟ ଶତୃର ଆକ୍ରମଣକୁ ପ୍ରତିହତ କରିବା ବିହୟରେ ଏହା ପ୍ରମାନିତ ହୋଇତ୍ଥିଲା। ଏହିପରି ଏକ ଅଂଚଳକୁ ଭିତିକରି ଏକ ଧର୍ମ-ସଂସ୍କୃତି ବିତ୍ତିକ ହିନ୍ଦୁ ରାଜତନ୍ତ୍ରର ପ୍ରତିଷ୍ଠା ଫଳରେ ଖୋରଧା ରାଜ୍ୟରେ ଏକ ଧର୍ମ ଧାରା ର ପ୍ରଭାବ ଥିଲା ସୁଦୁର ପ୍ରସାରୀ। ଖୋର୍ଦ୍ଧା ଗଜପତି ଭୋଇବଂଶ ସମୟରେ ଖୋରଧାରେ ମନ୍ଦିର, କାବ୍ୟକୃତି, ସାହିତ୍ୟ ପରମ୍ପରା ଜାଗି ଉଠିଥିଲା। ଯାହାର ପ୍ରମାଣ ଦେଖିବାକୁ ମିଳେ ଗଜପତି ରାମଚନ୍ଦ୍ରଦେବଙ୍କ ଦ୍ୱାରା ରଚିତ ‘ଦୂର୍ଗୋତ୍ସବ ଚନ୍ଦ୍ରିକା’ରେ। ସେତେବେଳେ ହିନ୍ଦୁ ଗଜପତି ମାନଙ୍କ ଦ୍ୱାରା ପ୍ରାୟ ୧୮୦୦ ରୁ ଉର୍ଦ୍ଧ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା ଯାହାର ସଂସ୍କାର ବିଷୟରେ ଆଇନର ବ୍ୟବସ୍ଥା କରାଯିବା ଲାଗି ତତ୍କାଳିନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିଲା ବୋଲି ରାଧାବଲ୍ଲଭ ମନ୍ଦିର ପରିସରରେ ଖୋର୍ଦ୍ଧା ଐତିହ୍ୟ ପରିଷଦର ବୈଠକରେ ଯୋଗଦେଇ ପରିଷଦର ଆବାହକ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କହିଥିଲେ। ଉକ୍ତ ୧୮୦୦ ମନ୍ଦିର ଭିତରୁ ୬୭୯ ଦେବମନ୍ଦିର ଭିତରୁ ରାଧାବଲ୍ଲଭ ମନ୍ଦିର ଅନ୍ୟତମ। ଏହି ମନ୍ଦିର ରାଜ ପ୍ରତିଷ୍ଠିତ ବୋଲି ବହୁ ବୟୋଜ୍ୟେଷ୍ଠ ବ୍ୟକ୍ତି ମାନେ ମତ ପ୍ରଦାନ କରନ୍ତି। ଏହି ଐତିହ୍ୟ ପରିଷଦର ଆଲୋଚନା ଚକ୍ରରେ ପରିଷଦର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ପ୍ରଭାତ ମିଶ୍ର କହିଥିଲେ ଖୋରଧା ହେଉଛି ପାଇକ ମାଟି, ଖୋରଧାର ମାଟିକୁ ଚିପୁଡି ଦେଲେ ବୀର ପାଇକର ରୁଧିର ବହିଆସେ। ଏ ମାଟିର ଧର୍ମଧାର ସବୁଠାରୁ ନିଆରା। ପରିଷଦର ସଭ୍ୟ ସମ୍ବାଦିକ ପ୍ରଭାତ ପାଣିଗ୍ରାହୀ କହିଥିଲେ ଯାହା ହୃଦୟରେ ସତ୍ୟ ପ୍ରତିଷ୍ଠିତ ସେ ସଦାସର୍ବଦା ଧର୍ମର ମାର୍ଗକୁ ଅନୁସରଣ କରିଥାଏ। ଯେଉଁ ମଣିଷ ଧର୍ମନିଷ୍ଠ ଭାବେ କାର୍ଯ୍ୟକରେ ଧର୍ମ ତାକୁ ସବୁ ବିପଦ ଅପଦରୁ ରକ୍ଷା କରିଥାଏ ତେଣୁ ପ୍ରତ୍ୟେକ ବ୍ୟକ୍ତି ଧର୍ମଧାରାରେ ନିଜକୁ ପରିଚାଳିତ କରିବା ଦରକାର। ପରିଷଦର ସଭ୍ୟ ତଥା ସାମ୍ବାଦିକ ରଂଜିତ କେ ଏନ ସାମନ୍ତରାଏ କହିଥିଲେ ମଣିଷ ମନରେ ଯେତେବେଳେ ଭାବ, ଜ୍ଞାନ, ବ୍ରହ୍ମ ଓ ତତ୍ତ୍ୱର ଭାବନା ଜାଗିଉଠେ ସେତେବେଳେ ମଣିଷ କୁ ଭଗବତ ସତ୍ତା ପ୍ରାପ୍ତ ହୋଇଥାଏ । ଅନ୍ୟ ସଭ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ,ରାକେସ ସାହୁ,ପ୍ରଦିପ୍ତ ବେହେର, କୃଷ୍ଣପେମ୍ରୀ କାଶୀନାତ ରାୟ,ଅବନୀ ମହାପାତ୍ର, ରବିନାରାୟଣ ମହାପାତ୍ର,ଶିକ୍ଷାବିତ ଜବାହାରଲାଲ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ଖୋରଧାର ଏତିହ୍ୟ ଉପରେ ଆଲୋକପାତ କରିଥିଲେ।

# ଇମାମବାଡା ବସ୍ତି ପରିଚାଳନା କମିଟିରୁ ବସ୍ତି ସର୍ଦ୍ଦାରଙ୍କ ଇସ୍ତଫା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳର ୧୫ନମ୍ବର ୱାର୍ଡ ଅନ୍ତର୍ଗତ ଇମାମବାଡା ବସ୍ତି ପରିଚାଳନା କମିଟିର ସର୍ଦ୍ଦାର ସୟଦ ଫଜଲ ଅଲ୍ଲୀ(ଧନ୍ନାମିଆଁ) ସର୍ଦ୍ଦାର ପଦରୁ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି। ଗତ ୧୯୭୦ମସିହାରୁ ସେ ନାୟବ ସର୍ଦ୍ଦାର ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିବା ବେଳେ ୧୯୯୮ମସିହାରେ ବସ୍ତିର ସର୍ଦ୍ଦାର ଭାବରେ କାର୍ଯ୍ୟ ଆରମ୍ଭ କରି ଦୀର୍ଘ ୨୫ବର୍ଷ ଧରି ନିଜର ଦାୟିତ୍ୱକୁ ସୂଚାରୁ ରୂପରେ ତୁଲାଇ ଆସୁଥିଲେ। କିନ୍ତୁ ବୟସାଧିକ ଏବଂ ଶାରିରୀକ ଅସୁସ୍ଥତାରୁ ସେ କାର୍ଯ୍ୟ ତୁଲାଇବାରେ ଅସମର୍ଥତା ପ୍ରକାଶ କରି ବସ୍ତିର ସର୍ଦ୍ଦାର ପଦରୁ ଇସ୍ତଫା ଦେଇଥିବା ଜଣାଇଛନ୍ତି। ବସ୍ତିର କୋଷାଧ୍ୟକ୍ଷଙ୍କୁ ତାଙ୍କ ଇସ୍ତଫା ପତ୍ର ସେ ପ୍ରଦାନ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଏହି ବସ୍ତିର ନାୟବ ସର୍ଦ୍ଦାରଙ୍କ ମୃତ୍ୟୁ ପରେ ସେହି ପଦ ମଧ ଖାଲି ପଡିଛି।

# ଗଞ୍ଜାମ ଜିଲ୍ଲା ଭାରୋତ୍ତୋଳନ ସଂଘ ପକ୍ଷରୁ ମନୁ ଦାସଙ୍କ ବିୟୋଗରେ ଶୋକସଭା




ବ୍ରହ୍ମପୁର (ପିଏନ୍): ଗୋଷାଣୀ ନୂଆଗାଁସ୍ଥିତ ଋଦ୍ର ନେହେରୁ ବ୍ୟାୟାମ କେନ୍ଦ୍ର ଠାରେ ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘର ଉପସଭାପତି, ପୂର୍ବତନ କାଉନସିଲର, ସମାଜସେବୀ ମନୋରଞ୍ଜନ ଦାଶଙ୍କ ବିୟୋଗରେ ଏକ ଶୋକସଭା ସଂଗଠନର କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ଭାରୋତ୍ତୋଳନ ସଂଘର ସମ୍ପାଦକ ନାରାୟଣ ସାହୁ, ରାଜ୍ୟ ଉପସଭାପତି ତଥା ଜିଲା ସଭାପତି କୁମୁଦ ଚନ୍ଦ୍ର ସାହୁ, ସଂଘର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥ, ଯଜ୍ଞନାରାୟଣ ନନ୍ଦ, ବ୍ରହ୍ମପରୁ ଷ୍ଟାଡିୟମ କୋଚ୍ ସୀତା ଜେନା, ଆନନ୍ଦ ଗୌଡ଼, ରାଜେନ୍ଦ୍ର ମହାପାତ୍ର, ସୁଧୀର କୁମାର ପାତ୍ର, ଜଗନ୍ନାଥ ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ପାଢ଼ୀ, ଜନାର୍ଦ୍ଦନ ସାହୁ, ମନୋରଞ୍ଜନ ଦଳାଇ, ହାଡୁ ଦାଶ, ଶୂନ୍ୟଚନ୍ଦ୍ର ଦାଶ, ମଳୟ ବିଷୋୟୀ, ମନୋରଞ୍ଜନ ଦାଶ ପ୍ରମୁଖ ସ୍ୱର୍ଗତ ଦାସଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ଗଞ୍ଜାମରେ ଭାରୋତ୍ତୋଳନ ସଂଘକୁ କ୍ରୀୟାଶୀଳ କରିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ କହିଥିଲେ। ପ୍ରଥମେ ଜିଲା ସଂଘର ସମ୍ପାଦକ ଗାଗାରିନ ନାୟକ କାଯର୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପୂର୍ବରୁ ବ୍ରହ୍ମପୁର ସହରର ବିଭିନ୍ନ ବ୍ୟାୟାମ କେନ୍ଦ୍ରର କ୍ରୀଡ଼ାବିତମାନେ ଏହି କାଯର୍ୟକ୍ରମରେ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ ।

# ଲକ୍ଷ୍ମୀନାରାୟଣ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ



ବ୍ରହ୍ମପୁର (ପିଏନ୍): ସ୍ଥାନୀୟ ଦେଶବେହେରା ସାହିରେ ବିଜେ ପୁରାତନ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ମନ୍ଦିର ମୁଖ୍ୟ ମହନ୍ତ ଅନିରୁଦ୍ଧ ରାମାନୁଜ ଦାଶ ମହାରାଜ ଜନ୍ମାଷ୍ଟମୀର ତାତ୍ପଯର୍ୟ ଏବଂ ଶ୍ରୀକୃଷ୍ଣଙ୍କ ଲୀଳା ସମ୍ପର୍କରେ ପ୍ରବଚନ ପ୍ରଦାନ ସହ ଭାଗବତର ଦଶମ ସ୍କନ୍ଧ ପାଠ କରାଯାଇଥିଲା । ବଡ଼ବଜାର ଅଞ୍ଚଳର ଶତାଧିକ ଭକ୍ତ ଏହି ଉତ୍ସବରେ ସାମିଲ ହୋଇ ଲକ୍ଷ୍ମୀ ନାରାୟଣଙ୍କ ପୂଜାର୍ଚ୍ଚନା ସହ ପ୍ରଭୁ କୃପା ଲାଭ କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ ଉପସ୍ଥିତ ଥିଲେ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୧, ସେପ୍ଟେମ୍ବର ୦୩

# ଅବକ୍ଷୟମୁଖୀ ପ୍ରାଚୀନତମ ଲୋକକଳା



ଭୁ ନାଟ୍ୟଶାଳାର ରୁମ୍‌ଝୁମ୍ ନୂପୁରର ନିକ୍ୱଣ ନୀରବିବାକୁ ବସିଲାଣି। କେନ୍ଦେରା ଗୀତର ଭଜକୁ ରାମ ନାମରେ ଗୋବିନ୍ଦ....ର କରୁଣ ସ୍ୱରର ମୂର୍ଚ୍ଛନା ଆଉ ଆଗପରି ଶୁଭୁନି। ପିଢ଼ୀ ପିଢ଼ୀର ନିଜ ଜନ୍ମ ଗାଁ ମାଟିର ମେଳଣ ପଡ଼ିଆରେ ଆଉ ପାଲାଗାୟକଙ୍କ ଝାଞ୍ଜି ଖୋଳର ଶବ୍ଦ ବି ଆଉ ଶୁଭୁନି। ଗାଁ ମୁଣ୍ଡର ତେଲ ଦୀପର ବଇଠି ପାଖର ଭାଗବତ ପଢ଼ା କାଁ ଭାଁ କେଉଁଠି କି ଛାଡ଼ିଦେଲେ ଆଉ କାନରେ ପଡୁନି। ସମୟ ଓ ରୁଚି ସତେ ଯେପରି ସବୁକିଛିକୁ ବଦଳି ନେଇଯାଇଛି। ସାଇବର ପାଖରେ ଚାର୍ଟିଂର ଭିଡ଼ ଓ ଟେଲିଭିଜନର ରିଅଲିଟି ସୋ ଭିତରେ ପରିବର୍ତ୍ତିତ ଏହି ସମୟ ଯେପରି ଲୋକକଳାକୁ ପୋଛି ନେଇଯାଇଛି। କଳାସମୃଦ୍ଧ ଓଡ଼ିଶାର ଲୋକକଳା କେବଳ ମନୋରଞ୍ଜନ ନୁହେଁ ବରଂ ଖାଣ୍ଟି ଓଡ଼ିଆ ଜନଜୀବନର ସୁଖଦୁଃଖ ଓ ସାମାଜିକ ସମସ୍ୟା ତଥା ଚଳଣିର ଥିଲା ଜୀବନ୍ତ ପ୍ରତିବିମ୍ବ ହେଲେ ଆଉ ନାହିଁ ସେ ଦିନ। ଗଞ୍ଜାମ ଜିଲ୍ଲାର ବାଘନାଟ ହେଉଛି ବେଶ୍ ପ୍ରସିଦ୍ଧ। ମୁଣ୍ଡରେ ବାଘର ମୁଖା ପିନ୍ଧି ଶବରବେଶୀ କଳାକାରମାନେ ବେଶ୍ ଚିତ୍ତାକର୍ଷକ ଭାବରେ ବାଘ ଶିକାରର ଅଭିନୟ କରିଥାନ୍ତି। ଏହାକୁ ଯଦିଓ ପ୍ରାୟତଃ ଆଦିବାସୀ ନୃତ୍ୟ ବୋଲି କୁହାଯାଏ କିନ୍ତୁ ଏଥିରେ ଚାଙ୍ଗୁବାଦ୍ୟ ସହ ଲୁପ୍ତପ୍ରାୟ ଶିକାର ବାଦ୍ୟ ବାଦନ କରାଯାଇଥାଏ। କିନ୍ତୁ ଆଉ ପୁରୁଣା ଦିନ ନାହିଁ କି ଏହାକୁ ଖୋଜୁଥିବା ଲୋକ ବି ଆଉ ନାହାନ୍ତି କେବଳ ବାଘନାଟ ନୁହେଁ ଗଞ୍ଜାମର ବାରମାସୀ ଦଣ୍ଡ ହେଉ ବା ଘଟକଳସୀ ନାଟ କିମ୍ବା ଦାସକାଠିଆ ବା ପ୍ରହ୍ଲାଦ ନାଟକ। ଲୋକକଳାର ଏକ୍ତୁଡ଼ିଶାଳ କୁହାଯାଉଥିବା ଗଞ୍ଜାମ ଜିଲ୍ଲାର ଏହି ଲୁପ୍ତପ୍ରାୟ କଳା ପ୍ରଥମେ ରାଜାରାଜୁଡ଼ାଙ୍କ ପୃଷ୍ଠପୋଷକତା ପାଉଥିଲା। ବର୍ତ୍ତମାନ ଆଗଭଳି ଆଦର ନଥିବାରୁ କଳାକାରଟି ନିରୁତ୍ସାହିତ ହେଉଛି। ରାଜ୍ୟର ପୁରପଲ୍ଲୀରେ ବେଶ୍ ଆଦର ପାଇଥିବା ଦାସକାଠିଆ ଏବେ ସମୟ ସୁଅରେ ହଜିବାକୁ ବି ବସିଲାଣି। କୁହାଯାଉଛି ଆଧୁନିକ ଯୁଗରେ ପାରମ୍ପରିକ ରାଗ, ଗୀତ, ଛନ୍ଦ ଓ ନୃତ୍ୟ ପ୍ରତି ଆଗ୍ରହର ଅଭାବ




ରହୁଥିବାବେଳେ ଏହି ଲୋକନୃତ୍ୟକୁ ପେଶା କରି ବଞ୍ଚିପାରୁନି ଆଉ କଳାକାରଟି। ଯାହାଦ୍ୱାରା ଅଭିବ୍ୟକ୍ତ ଗଞ୍ଜାମ ଜିଲ୍ଲାର ବେଶ୍ ଲୋକପ୍ରିୟ ପ୍ରହ୍ଲାଦ ନାଟକ ନିଜ ଲୋକପ୍ରିୟତା ହରାଇବାକୁ ବସିଲାଣି। ସେହିପରି ସ୍ୱତନ୍ତ୍ର ମର୍ଯ୍ୟାଦା ପାଇଥିବା ଲୋକକଳାର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ ରାଧାକୃଷ୍ଣ ପ୍ରେମଲୀଳା ମଧ୍ୟ ମୁମୂର୍ଷୁ ଅବସ୍ଥାରେ ରହିଛି। ଏହା ଏକ ସଙ୍ଗୀତଧର୍ମୀ ନୃତ୍ୟନାଟିକା ହୋଇଥିବାରୁ ସଙ୍ଗୀତର ଗୁରୁତ୍ୱ ମଧ୍ୟ ଏଥିରେ ରହିଥାଏ। ଭକ୍ତି ରସାପ୍ଲୁତ ଏହି ଲୋକନୃତ୍ୟ କେବଳ ଲୋକଙ୍କ ମନରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରେନି ବରଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥାଏ। ହେଲେ ସମୟର ଉଜାଣି ସୁଅରେ ହଜିଯାଉଥିବା ଏହି କଳା ଏବେ ନିଜେ ନିଜର ଇତିହାସ ପାଲଟିବାକୁ ଯାଉଛି। ଲୋକକଳା ତଥା ଲୋକଭାବନାର ପରିବର୍ତ୍ତନ ଯୋଗୁଁ ଏହି ଲୋକନୃତ୍ୟର ସ୍ଥିତି ଉଦ୍‌ବେଗଜନକ। ତେବେ ରଣପା, ଘୁଡୁକି, ଭାଗଲୀଳା, ସଖୀନାଚ, ଯୋଡ଼ିଶଙ୍ଖ ଓ ପଶୁନୃତ୍ୟ ପରି କେତେକ ଲୋକନୃତ୍ୟ ଯାହା ବଞ୍ଚିରହି ନିଜ ଅସ୍ତିତ୍ୱ ପାଇଁ ସଂଗ୍ରାମ କରିଚାଲିଛନ୍ତି। ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନିଜ ରାଜ୍ୟରେ ଏହା ମୃତପ୍ରାୟ ସ୍ଥିତିରେ ଥିଲେ ବି ରାଜ୍ୟ ବାହାରେ ଏପରିକି ବିଦେଶରେ ଏହା ବେଶ୍ ଲୋକପ୍ରିୟ। ପଶ୍ଚିମ ଓଡ଼ିଶାର ଡାଲଖାଇକୁ କିଏ ବା ଭୁଲିପାରିବ? ପଶ୍ଚିମ ଓଡ଼ିଶାର ଲୋକଜୀବନର ପରମ୍ପରାର କାଳରୁ ବଜାଇ ଆସିଥିବା ଡାଲଖାଇ ହେଉଛି ଗୀତ ଓ ଲୋକନୃତ୍ୟର ଏକ ସମ୍ମିଳିତ ପରମ୍ପରା। ତେବେ ସମୟର ସ୍ରୋତ ଏହି ବିରଳ ନୃତ୍ୟକୁ ହଜାଇବାକୁ ବସିଥିଲା ସମୟରେ ଏହି ଡାଲଖାଇର ନୃତ୍ୟ ଓ ଗୀତକୁ ଏହାର କଳାକାରମାନେ କେବଳ ମଞ୍ଚ ଓ ଉତ୍ସବରେ ଯାହା ବଞ୍ଚାଇ ରଖିବାପାଇଁ ସଂଗ୍ରାମ କରିଚାଲିଛନ୍ତି। କୁହାଯାଏ ପରମ୍ପରା ସମୟ ଓ ସଭ୍ୟତାର ପ୍ରବାହରେ ଏହା ହଜିଯାଇଛି। ସେହିପରି କଳାହାଣ୍ଡିର ଘୁମୁରା ହେଉଛି ଏକ ଯୁଦ୍ଧ ବାଦ୍ୟ। ରାଜତନ୍ତ୍ରର ବିଲୟ ପରେ ଯୁଦ୍ଧବାଦ୍ୟ ମଧ୍ୟ ଏକପ୍ରକାର ନୀରବି ଯାଇଛି। ଏହି ରଣବାଦ୍ୟ ଯଥାର୍ଥରେ ଗଣବାଦ୍ୟର ପରିଚୟ ସୃଷ୍ଟି କରିପାରିଛି। ଘୁମୁରା ନାଚର ତାଳେ ତାଳେ କଳାକାରମାନେ ନିଜ ପୂର୍ବପୁରୁଷଙ୍କ ପରମ୍ପରା, ସଂସ୍କୃତି ଓ ଐତିହ୍ୟର ସ୍ମୃତିକୁ ଉଜ୍ଜୀବିତ କରିଥାନ୍ତି। ଓଡ଼ିଶାର ଲୋକକଳାରେ ଆଦିବାସୀ ବାଦ୍ୟ ଓ ନୃତ୍ୟର ସ୍ଥାନ ସ୍ୱତନ୍ତ୍ର। ପତରସୋରା, ଧୁଡୁକି, ଶିଙ୍ଗବାଦ୍ୟ ସହ ଡୁଙ୍ଗଡୁଙ୍ଗା ଓ କେଳାକେଲୁଣୀ ଏବେ ହଜିବାକୁ ବି ବସିଲାଣି। କୋରାପୁଟ ଜିଲ୍ଲାର ଦୁରୁଆ ସମ୍ପ୍ରଦାୟର ଏହି ଶିଙ୍ଗବାଦ୍ୟ ସମୟ ସ୍ରୋତରେ ହଜିଗଲାଣି। ସେହିପରି ପରଜା ସମ୍ପ୍ରଦାୟର ପାରମ୍ପରିକ ଡୁଙ୍ଗଡୁଙ୍ଗା ବାଦ୍ୟ ଜନମାନସରେ ଯେଉଁ ଆଦୃତି ପାଇଥିଲା ତାହା ଏବେ ବଞ୍ଚାଇ ରଖିବା ପାଇଁ ସଂଘର୍ଷ କରୁଛି। କେନ୍ଦୁଝର ଜିଲ୍ଲାର କଣ୍ଢେଇ ନାଚ ହେଉଛି କୋମଳ କଣ୍ଠରେ ରାଣୀଙ୍କ ବାଣୀଜଣା ରାଗିଣୀର ଅପୂର୍ବ ସମାହାର। ହଜାର ହଜାର ବର୍ଷ ତଳର ପ୍ରାଚୀନ ଲୋକକଳାର ଏହି କଣ୍ଢେଇ ନାଚ ଏବେ ନିଜ ଲୋକପ୍ରିୟତା ହରାଇଲାଣି। ଆଧୁନିକ ସଭ୍ୟତାର କୋଳାହଳ ଭିତରେ ଆଜି ହଜିଯାଇଛି କଣ୍ଢେଇନାଚ। ପୁନରୁଦ୍ଧାର ପାଇଁ ଏହାର ପ୍ରୋତ୍ସାହନ ନାହିଁ। ତେବେ ଅବକ୍ଷୟମୁଖୀ ଲୋକକଳାର ପୁନରୁଦ୍ଧାର ପାଇଁ ଯୁଗ ରୁଚିର ପରିବର୍ତ୍ତନ ଜରୁରୀ। ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ପରିଚିତ ଉତ୍କଳର ଏହି ଲୋକକଳା ଯେ ନିଜ ଜାତିର ପରିଚୟ ଏହାକୁ ଭୁଲିବା ଅନୁଚିତ। ପରିବର୍ତ୍ତିତ ଜୀବନ ଶୈଳୀ ଭିତରେ ଏହି ଲୋକକଳା ପ୍ରତି ଆଦର ନରଖିଲେ ଏହାସବୁ ଯେ ଦିନେ ସମାଧି ନପାଇବ ସମ୍ଭବତଃ ସେ ସମୟ ଆଉ ବେଶୀ ଦୂର ନୁହେଁ !!

**ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦**

## ଆଜିର ଅନୁଚିନ୍ତା

ଯେତେ ଯାହା କଲେ ବି
ମାତୃଋଣ ଶୁଝିବା ଅସମ୍ଭବ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଜନସଂଖ୍ୟା ବୃଦ୍ଧି ପ୍ରଗତିର ମୁଖ୍ୟ ବାଧକ

**ହିମାଂଶୁଶେଖର ଆଚାର୍ଯ୍ୟ**



ବି କାଶର ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଉଭୟ ଉତ୍ପାଦକ ଓ ଉପଭୋକ୍ତା ଭାବରେ ମାନବ ସମ୍ବଳର ଅର୍ଥନୀତି ଉପରେ ଯଥେଷ୍ଟ ପ୍ରଭାବ ରହିଛି। ପାଶ୍ଚାତ୍ୟ ଦେଶମାନଙ୍କରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏକ ବରଦାନ ସଦୃଶ୍ୟ ଥିଲା। ଏହା ଶିଳ୍ପାୟତନ ପାଇଁ ଶ୍ରମ ଶକ୍ତ ଯୋଗଇବା ସଙ୍ଗେ ସଙ୍ଗେ କଳକାରଖାନାରୁ ଉତ୍ପାଦିତ ଦ୍ରବ୍ୟ ପାଇଁ ବଜାର ସୃଷ୍ଟି କରିବାରେ ସହାୟକ ହେଲା। ଏଣୁ ଶିଳ୍ପ ବିକାଶ ଘଟିଲା। କିନ୍ତୁ ଭାରତରେ ଜନସଂଖ୍ୟା ବୃଦ୍ଧି ଏକ ଅଭିଶାପ ସଦୃଶ। ଆମର ସମ୍ବଳ ତୁଳନାରେ ଜନସଂଖ୍ୟା ଢେର ଅଧିକ। ଫଳରେ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ବିକାଶ ପ୍ରକ୍ରିୟାରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହୋଇଛି, ତା'ର ମୂଳରେ ରହିଛି ଜନସଂଖ୍ୟା ବିସ୍ଫୋରଣ। ଦିନକୁ ଦିନ ଏହି ସମସ୍ୟା ଉତ୍କଟ ଓ ଜଟିଳ ହୋଇ ଚାଲିଛି। ଭାରତରେ ଜନସଂଖ୍ୟା ବୃଦ୍ଧିର ଅନେକ କାରଣ ରହିଛି। ସେ ସମ୍ପର୍କରେ ଆଲୋଚନା କରିବା ଓ ନିରାକରଣ ପାଇଁ ବିଭିନ୍ନ ପଦକ୍ଷେପ ନେବା ଏହି ଆଲେଖ୍ୟର ପ୍ରଧାନ ଉଦ୍ଦେଶ୍ୟ।

ମୁଣ୍ଡପିଛା ଆୟ ହେଉଛି ଦେଶର ଲୋକମାନଙ୍କର ହାରାହାରି ଆୟ। ଏଥିରୁ ଜନସାଧାରଣଙ୍କ ଜୀବନଧାରଣର ମାନ ପ୍ରତିଫଳିତ ହୁଏ। ମୋଟ ଜାତୀୟ ଆୟକୁ ମୋଟ ଜନସଂଖ୍ୟା ଦ୍ୱାରା ବିଭାଜନ କଲେ ମୁଣ୍ଡପିଛା ଆୟ ଜଣା ପଡେ। ଯଦିଓ ଭାରତରେ ଜାତୀୟ ଆୟ ଉଚ୍ଚ ହାରରେ ବୃଦ୍ଧି ପାଇବାରେ ଲାଗିଛି, ଜନସଂଖ୍ୟା ବିସ୍ଫୋରଣ ହେତୁ ମୁଣ୍ଡପିଛା ଆୟର ବୃଦ୍ଧି ଅତି ମନ୍ଥର ହୋଇପଡୁଛି। ୧୯୫୦-୫୧ ଓ ୨୦୦୦-୦୧ ମସିହା ମଧ୍ୟରେ ଭାରତରେ ଜାତୀୟ ଆୟ ୭ ଗୁଣ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୨.୫ ଗୁଣ ବୃଦ୍ଧି ପାଇଛି। ବିକାଶର ଗତି ଶଗଡ ଗାଡିର ଗତି ଭଳି ଧୀର ମନ୍ଥର ହୋଇଯାଉଛି।ଅର୍ଥନୀତିଜ୍ଞ ପ୍ରଫେସର ଟି. ଆର୍. ମାଲ୍‌ଥସ୍‌ଙ୍କ ମତରେ ଜନସଂଖ୍ୟା ଜ୍ୟାମିତିକ ହାରରେ ବୃଦ୍ଧି ପାଉଥିବା ବେଳେ ଖାଦ୍ୟଯୋଗାଣ ଗାଣିତିକ ହାରରେ ବୃଦ୍ଧିପାଏ। ଜ୍ୟାମିତିକ ହାର ଗୁଣାନାତ୍ମକ ବୃଦ୍ଧିକୁ ବୁଝାଉଥିଲାବେଳେ ଗାଣିତିକ ହାର ଯୋଗାତ୍ମକ ବୃଦ୍ଧିକୁ ବୁଝାଏ। ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟିକରେ।

ଭାରତରେ ମୁଣ୍ଡପିଛା ଚାଷୋପଯୋଗୀ ଭୂମିର ବଣ୍ଟନ ଦ୍ରୁତ ଗତିରେ ହ୍ରାସ ପାଉଛି। ପରିସଂଖ୍ୟାନ ଅନୁସାରେ ୧୯୨୧ ଓ ୧୯୯୧ ମସିହା ମଧ୍ୟରେ ମୁଣ୍ଡପିଛା ଚାଷୋପଯୋଗୀ ଭୂମିର ଆୟତନ ୧.୧ ଏକରରୁ ମାତ୍ର ୦.୪୭ ଏକରରୁ ଖସିଆସିଛି। ଏହି ହ୍ରାସ ପରିମାଣ ପ୍ରାୟ ୫୮ ପ୍ରତିଶତ। କର୍ମବର୍ଦ୍ଧିଷ୍ଣୁ ଜନସଂଖ୍ୟାଜନିତ ପରିସ୍ଥିତିରୁ ଜୋତର ଆକାର ବିଭାଜିତ ଓ ବିଖଣ୍ଡିତ ହୋଇ କ୍ଷୁଦ୍ର ହେବାରେ ଲାଗିଛି। ଜୋତର ଏହି ବିଭାଜନ ଓ ବିଖଣ୍ଡନ ଯୋଗୁଁ ଆଧୁନିକ ପ୍ରଣାଳୀରେ କୃଷିକାର୍ଯ୍ୟ କରିବା ବ୍ୟୟସାପେକ୍ଷ ହୋଇ ପଡିଛି। ପରିତାପର ବିଷୟ ଏହି ଯେ, ଭାରତର ଖାଦ୍ୟ ଉତ୍ପାଦନରେ ଯଥେଷ୍ଟ ବୃଦ୍ଧି ପାଇଥିଲେ ମଧ ମୁଣ୍ଡପିଛା ଖାଦ୍ୟ ଉପଭୋଗ ବୃଦ୍ଧିହାର ନୈରାଶ୍ୟଜନକ। ୧୯୫୬ ଏବଂ ୧୯୯୨ ମସିହା ମଧ୍ୟବର୍ତ୍ତୀ କାଳରେ ଖାଦ୍ୟଶସ୍ୟ ଉତ୍ପାଦନ ୬୩ ନିୟୁତ ଟନ୍‌ରୁ ବୃଦ୍ଧି ପାଇ ୧୫୧ ନିୟୁତ ଟନ୍‌ରେ ପହଞ୍ଚିଥିଲା। ଏହି ବୃଦ୍ଧି ପ୍ରାୟ ୧୪୦ ପ୍ରତିଶତ। କିନ୍ତୁ ସେହି ସମୟରେ ଭାରତର ଜନସଂଖ୍ୟା ୧୧୮ ପ୍ରତିଶତ ବୃଦ୍ଧି ପାଇ ୩୯୭ ନିୟୁତରୁ ୮୬୬ ନିୟୁତରେ ପହଞ୍ଚିଥିଲା। ମୁଣ୍ଡପିଛା ଖାଦ୍ୟ ଉପଭୋଗ ମାତ୍ର ୧୦ ପ୍ରତିଶତ ବୃଦ୍ଧି ପାଇ ୪୩୧ ଗ୍ରାମ୍‌ରୁ ୪୭୬ ଗ୍ରାମରେ ପହଞ୍ଚିଥିଲା। ଏଣୁ ଜନସଂଖ୍ୟାର ଚାପ ଭାରତରେ ଖାଦ୍ୟ ସଙ୍କଟ ସୃଷ୍ଟି କରିଛି। ଏକ ଜନବହୁଳ ରାଷ୍ଟ୍ରରେ ସାଧାରଣତଃ ଜନ୍ମହାର ଅଧିକ ଓ ମୃତ୍ୟୁହାର କମ୍ ହୋଇଥାଏ। ଏଣୁ ଏପରି କ୍ଷେତ୍ରରେ ଅଧିକ ସଂଖ୍ୟକ ଶିଶୁ, ବୃଦ୍ଧ ଏବଂ ରୋଗାକ୍ରାନ୍ତ ଲୋକ ଥାଆନ୍ତି। ସେମାନେ କୌଣସି ଉତ୍ପାଦନ କରନ୍ତି ନାହିଁ ବରଂ କେବଳ ଉପଭୋଗ କରନ୍ତି। ଉତ୍ପାଦନକାରୀ ଉପଭୋକ୍ତାଙ୍କ ଅପେକ୍ଷା ଅଣଉତ୍ପାଦନକାରୀ ଉପଭୋକ୍ତାଙ୍କ ସଂଖ୍ୟା ଖୁବ୍ ଅଧିକ ହୋଇଥାଏ। ଏଭଳି ଏକ ବିଶାଳ ପରାଙ୍ଗପୁଷ୍ଟ ବାହିନୀକୁ ନେଇ କୌଣସି ରାଷ୍ଟ୍ରର ବିକାଶ ସମ୍ଭବପର ନୁହେଁ। ଶ୍ରମ ଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକ ହେଲେ ବେକାରୀ ସୃଷ୍ଟି ହୁଏ। ଭାରତରେ ଜନସଂଖ୍ୟା ଦ୍ରୁତ ବୃଦ୍ଧି ଫଳରେ ଶ୍ରମ ଶକ୍ତିର ବୃଦ୍ଧି ଏତେ ଅଧିକ ହୋଇଛି ଯେ, ସମସ୍ତଙ୍କୁ ନିଯୁକ୍ତି ଦେବାକୁ ଦେଶ ଅକ୍ଷମ। ଫଳରେ ଦିନକୁ ଦିନ ବେକାରୀ ସମସ୍ୟା ଅଧିକରୁ ଅଧିକ ଉତ୍କଟ ହେବାରେ ଲାଗିଛି। ପ୍ରତ୍ୟେକ ଯୋଜନାର ବଳକା ବେକାରୀ ବୋଝ ନୂତନ ଯୋଜନାପାଇଁ ଗୁରୁଦାୟିତ୍ୱ ସୃଷ୍ଟି କରୁଛି। ନୂତନ କର୍ମ ନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ଓ ଉଦ୍ୟମ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଫଳରେ କୌଣସି ସୁଫଳ ଦେଉନାହିଁ। ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିର ସହଚର ହୋଇଛି।

ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢାଇଥାଏ। ଫଳରେ ସଞ୍ଚୟ କମିଯାଏ ଏବଂ ପୁଞ୍ଜି ଗଠନ ମଧ ହ୍ରାସ ପାଏ। ସ୍ୱଳ୍ପ ପୁଞ୍ଜି ଜାତୀୟ ଆୟର ବୃଦ୍ଧିକୁ ପ୍ରତିହତ କରେ। ଏହିପରି ଦ୍ରୁତ ଜନସଂଖ୍ୟା ବୃଦ୍ଧି ଅର୍ଥନୈତିକ ବିକାଶ ପଥରେ ଅନ୍ତରାୟ ସୃଷ୍ଟି କରେ। ଏକ ଅନୁକୂଳ ପରିବେଶ ଜୀବନଧାରଣ ପାଇଁ ଅପରିହାର୍ଯ୍ୟ। ଜନସଂଖ୍ୟାର ବିସ୍ଫୋରଣ ପରିବେଶ ପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ଜନସଂଖ୍ୟାର ଦ୍ରୁତ ବୃଦ୍ଧି ସଙ୍ଗେ ସଙ୍ଗେ ପ୍ରତ୍ୟେକ ଜିନିଷ ପାଇଁ ଚାହିଦା ଆହେତୁକ ବୃଦ୍ଧି ପାଇଥିବାରୁ ପ୍ରକୃତି ଓ ପରିବେଶକୁ ଆମେମାନେ ବିପର୍ଯ୍ୟସ୍ତ କରିଦେଲେଣି। ବ୍ୟାପକ ଜଙ୍ଗଲକ୍ଷୟ, ପରିବେଶ ଅବକ୍ଷୟ ଓ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ।ଏହି କାରଣଗୁଡିକ ପ୍ରତିପାଦନ କରୁଛନ୍ତି ଯେ, ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଭାରତର ଅର୍ଥନୈତିକ ବିକାଶ କ୍ଷେତ୍ରରେ ବିରାଟ ପ୍ରତିବନ୍ଧକ ସୃଷ୍ଟି କରିଛି। ଜନସଂଖ୍ୟା ଭାରତ ପାଇଁ ଏକ ବୋଝ ସଦୃଶ । ଏଣୁ ଯୋଜନାକାଳର ପ୍ରାରମ୍ଭରୁ ଫଳପ୍ରଦ ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ମାଧ୍ୟମରେ ଜନସଂଖ୍ୟା ବିସ୍ଫୋରଣକୁ ପ୍ରତିହିତ କରିବାପାଇଁ ଭାରତ ସଦା ଚେଷ୍ଟିତ। ଏହି ସମସ୍ୟାରୁ ମୁକୁଳିବାକୁ ହେଲେ ଆମକୁ ଅନେକ କଠୋର ଓ ବଳିଷ୍ଟ ପଦକ୍ଷେପ ନେବାକୁ ହେବ।

ଶିକ୍ଷା ଆମକୁ ସଚେତନ କାରାଏ। ଶିକ୍ଷିତ ପିତାମାତା ଛୋଟ ପରିବାର ଉପାଦେୟତା ହୃଦୟଙ୍ଗମ କରିଥାନ୍ତି। ଅନେକ ସନ୍ତାନ ଅପେକ୍ଷା ଶିକ୍ଷିତ ଓ ଗୁଣବାନ ସନ୍ତାନକୁ ସେମାନେ ଅଧିକ ପସନ୍ଦ କରିଥାନ୍ତି। ଜନ୍ମ ନିୟନ୍ତ୍ରଣର ବିଭିନ୍ନ ପଦ୍ଧତି ବିଷୟରେ ସେମାନେ ସଚେତନ। ଶିକ୍ଷାର ପ୍ରସାର ବିଶେଷକରି ନାରୀ ଶିକ୍ଷାର ପ୍ରସାର ହେଲେ ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ କରିବା ସହଜ ହେବ। ସେହିପରି ଭରତରେ ଉଚ୍ଚ ଶିଶୁ ମୃତ୍ୟୁହାର ଜନବିସ୍ଫୋରଣର ଏକ ପ୍ରଧାନ କାରଣ। ସ୍ୱାସ୍ଥ୍ୟ ସେବାରେ ଉନ୍ନତି, ଆନୁଷ୍ଠାନିକ ପ୍ରସୂତି ସୁବିଧା, ଜନସଂଖ୍ୟା ସଚେତନତା ଶିକ୍ଷା ମାଧ୍ୟମରେ ଏହା ସମ୍ଭବ। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପରିବାର ନିୟୋଜନ ନିତାନ୍ତ ଜରୁରୀ। ପରିବାର ନିୟୋଜନ ଯୋଜନା ପ୍ରଣୟନ କରିବାରେ ଭାରତ ପୃଥିବୀରେ ପ୍ରଥମ ରାଷ୍ଟ୍ର। ସନ୍ତାନଟିଏ ଜନ୍ମ ଦେବା ଏକ ଆକସ୍ମିକ ବା ଦୈବ ଅଧୀନ ଘଟଣା ପରିବର୍ତ୍ତେ ଏକ ଯୋଜନାବଦ୍ଧ ଓ ସୁଚିନ୍ତିତ ପଦକ୍ଷେପ- ଏହି ସନ୍ଦେଶର ପ୍ରସାର ଓ ପ୍ରଚାର ଏହି ନୀତିର ମୂଳ ଲକ୍ଷ୍ୟ। ନବ ବିବାହିତ ଦମ୍ପତ୍ତିଙ୍କ ମଧ୍ୟରେ ଜନ୍ମ ନିୟନ୍ତ୍ରଣର ବିଭିନ୍ନ ପଦ୍ଧତି ସମ୍ବନ୍ଧରେ ସଚେତନତା ସୃଷ୍ଟି ହେବା ଦରକାର।

ଶୀଘ୍ର ବିବାହ ଭାରତରେ ଉଚ୍ଚ ଜନ୍ମହାରର ଏକ ପ୍ରମୁଖ କାରଣ। ବର୍ତ୍ତମାନ ଆମ ଦେଶରେ ମହିଳାମାନଙ୍କର ନ୍ୟୁନତମ ବିବାହ ବୟସ ୧୮ ବର୍ଷଥିବା ବେଳେ ପୁରୁଷ ମାନଙ୍କ ପାଇଁ ୨୧ ବର୍ଷ ରଖାଯାଇଛି। ଏହାକୁ ବଢାଇବାକୁ ହେବ। ଦାରିଦ୍ର୍ୟ ଜନବିସ୍ଫୋରଣର ଏକ ପ୍ରମୁଖ କାରଣ ସାଧାରଣତଃ ଅଧିକ ସନ୍ତାନ ଜନ୍ମ ହେଲେ ଅଧିକ ରୋଜଗାର ହେବ ଏବଂ ପରିବାର ପ୍ରତିପୋଷଣ ହୋଇପାରିବ ବୋଲି ଏକ ଭ୍ରାନ୍ତ ଧାରଣା ଗରିବ ଲୋକଙ୍କ ମଧ୍ୟରେ ଥାଏ। ଗରିବ ଲୋକମାନେ ଜୀବନଧାରଣର ନ୍ୟୁନତମ ସବୁଧା ପାଇ ପାରିଲେ ପରିବାର ଓ ସନ୍ତାନ ଜନ୍ମ ସଂକ୍ରାନ୍ତରେ ଥିବା ସେମାନଙ୍କର ଭୁଲ ଧାରଣାରେ ଅନେକ ପରିବର୍ତ୍ତନ ଆସିପରିବ। ଏତଦ୍‌ବ୍ୟତୀତ ସରକାର ଦ୍ୱି-ସନ୍ତାନ ନୀତି ପ୍ରବର୍ତ୍ତନ କରାଇବା ଆବଶ୍ୟକ। ଏହା ପରିବାରର ଆକାରକୁ ସୀମିତ ରଖିବାରେ ସହାୟକ ହେବ। ସର୍ବୋପରି ଲୋକମାନେ ସଚେତନ ନହେଲେ କୌଣସି କାର୍ଯ୍ୟକ୍ରମ ସଫଳ ହୋଇପାରିବ ନାହିଁ। ଦୀର୍ଘ ଦିନ ଧରି ଲୋକମାନଙ୍କ ମଧ୍ୟରେ ଥିବା ପୁତ୍ର ସନ୍ତାନ ଜନ୍ମ ଦେବାର ଅଗ୍ରାଧିକାର ଓ କନ୍ୟା ସନ୍ତାନ ପ୍ରତି ବିମୁଖତାର ମାନସିକତାକୁ ହଟାଇବାକୁ ପଡିବ। ବର୍ତ୍ତମାନ ଜନସଂଖ୍ୟା ନିୟନ୍ତ୍ରଣ ଭାରତ ପାଇଁ ଏକ ବିରାଟ ଆହ୍ୱାନ। ଏଥିପାଇଁ ସରକାରଙ୍କ ଜନସଂଖ୍ୟା ନୀତିର ଉପଯୁକ୍ତ ପ୍ରୟୋଗ ଏବଂ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ ଓ ସମର୍ଥନ ଅପରିହାର୍ଯ୍ୟ।

*-ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# ଡିମିରିଫୁଲ

**ବୈକୁଣ୍ଠନାଥ ମହାପାତ୍ର**

ଡି ମିରିଫୁଲ ହେଉଛି ଏକ କଳ୍ପନାର ରାଜପୁତ୍ର। ଡିମିରିଫୁଲକୁ ଯେପରି ଦେଖିହୁଏନା କି ଜାଣିହୁଏନା ମନକୁ ସେମିତି ଦେଖି ହୁଏନା କି ତା'ର ପ୍ରବୃତ୍ତିକୁ ମଧ ଜାଣି ହୁଏନା। ଡିମିରିଫୁଲ ଅପ୍ରକାଶ୍ୟ ଭାବେ ଡିମିରିର ଫଳ ଭିତରେ ହିଁ ଆତ୍ମଗୋପନ କରିଥାଏ। ତେଣୁ ଡିମିରିଫୁଲର ଅସ୍ତିତ୍ୱକୁ କେବେ ସ୍ୱୀକାର କରାଯାଇପାରେନା। ଫୁଲ ନାହିଁ ତ ଫଳ ଆସିବ କୁଆଡୁ? ଠିକ୍ ସେହିପରି ମନର ପ୍ରବୃତ୍ତିକୁ ନେଇ କେବେ କେହି ମଣିଷ ଚିହ୍ନିପାରେନା। କାରଣ ଡିମିରିଫୁଲର ପ୍ରବୃତ୍ତି ପରି ମଣିଷ ମନର ପ୍ରବୃତ୍ତି ଅନେକ ସମୟରେ ଅପ୍ରକାଶ୍ୟ ଏବଂ ଅଜଣା।

ସାଂପ୍ରତିକ ସମାଜରେ ଏଇ ଡିମିରିଫୁଲର ମନ ନେଇ ଅନେକ ମଣିଷ ଅଛନ୍ତି। ବାହାରକୁ ସେମାନଙ୍କ ମନ ସ୍ୱଚ୍ଛ ଜଣାପଡୁଥିଲେ ମଧ ମନର ପ୍ରକୃତ ପ୍ରବୃତ୍ତି କୁତ୍ସିତ ଓ କଦାକାର ହୋଇଥାଏ। ସେମାନଙ୍କ ମନର ସେହି ଅନ୍ଧକାର ପାରାବାରରେ ଆଜି ଉଦ୍‌ବେଳିତ ଦୁର୍ନୀତି ଓ ଭ୍ରଷ୍ଟାଚାରର ଶହ ଶହ ଢେ଼ଉ। ଯେତେ ପାଠ ପଢ଼ି ଶିକ୍ଷିତ ହେଲେ ବା ବଡ଼ ଚାକିରି ପାଇ ମୋଟା ଅଙ୍କର ଆର୍ଥିକ ରୋଜଗାର କଲେ ବି ମଣିଷର ମନଟା ମାଡ଼ିଯାଉଛି ଡିମିରିଫୁଲର ସେହି ଅନ୍ଧ ଇଲାକାକୁ। ଅର୍ଥ, କ୍ଷମତା ଓ ସମ୍ମାନର ଶିରପା ପିନ୍ଧି ବି ମନଟା ଇଚ୍ଛା କରୁଛି ପାପପଙ୍କରୁ ପୁଳାଏ ବୋଲି ହେବା ପାଇଁ। ଆଜି ସମାଜର ଉଚ୍ଚଶିକ୍ଷିତ ଲୋକମାନେ ଉଚ୍ଚ ପଦପଦବୀରେ ଥାଇ ମଧ ଅପରାଧୀ ପାଲଟି ଯାଉଛନ୍ତି। ସେମାନଙ୍କୁ ପୋଲିସ୍ ଗିରଫ କରୁଛି। ଜେଲର ଚାରିକାନ୍ଥ ମଧ୍ୟରେ ତଥା ଲୁହାର ହାତକଡ଼ି ବନ୍ଧନରେ ସେମାନଙ୍କର ମାନ ଇଜ୍ଜତ, ପଦମର୍ଯ୍ୟାଦା ସବୁ ଉହଳ ବିକଳ ହେଉଛନ୍ତି। କିନ୍ତୁ ଏପରି ହେଉଛି କାହିଁକି? ନକଲି ଔଷଧ କାରବାର, ଭ୍ରୁଣହତ୍ୟା, ମାର୍କ ଜାଲିଆତି, ସରକାରୀ ଅର୍ଥ ହଡ଼ପ ଆଦି ଧର୍ତ୍ତବ୍ୟ ଅପରାଧ ଜାଣି ମଧ ଏ ଶିକ୍ଷିତ ସଭ୍ୟ ମଣିଷ କିପରି ସେଗୁଡିକୁ ସମାଜରେ ପ୍ରଶ୍ରୟ ଦେଉଛି? ଏହା ହେଉଛି ସେମାନଙ୍କର କଳ୍ପନାର ରାଜପୁତ୍ର ମନର ଡିମିରିଫୁଲ ପ୍ରବୃତ୍ତି, ଯାହାକୁ ସମାଜ କେବେ ଜାଣିପାରୁନି। ଯଦି ମଣିଷର ମନକୁ ଏ ସମାଜ ଦେଖିପାରନ୍ତା କି ଜାଣିପାରନ୍ତା ତେବେ ସେହି ସମାଜ ହିଁ ମଣିଷର ମନରେ ବିବେକର ଅନ୍ତଃସ୍ୱର ସୃଷ୍ଟି କରି ସଇତାନୀ ମନକୁ ନିୟନ୍ତ୍ରଣରେ ରଖିପାରନ୍ତା। ଏଇ ଡିମିରିଫୁଲ ମନର ପ୍ରବୃତ୍ତି, ନେତା, ଜନତା, ଦେଶ ବିଦେଶ ଚାରିଆଡ଼କୁ ବ୍ୟାପିଛି। ଆନ୍ତର୍ଜାତିକ ସ୍ତରରେ ଆମେରିକା ଆଦର୍ଶବାଦର ଦ୍ୱାହି ଦେଇ ଜାତିସଂଘକୁ ହାତବାରିସି କରି ବିଶ୍ୱକୁ ଚକ୍‌ମା ଦେଖାଇଛି। ଏପଟେ ପାକିସ୍ତାନକୁ ଭାରତ ଯେତେଥର ଶାନ୍ତି ଓ ସମତାର ହାତ ବଢ଼ାଉଛି ଏକ ଅଦୃଶ୍ୟ କୁରାଢ଼ି ଆସି ହାତରେ ବାଜୁଛି। "ଶାନ୍ତି ଫେରିବ, ସୀମାନ୍ତରୁ ସୈନ୍ୟ ପ୍ରତ୍ୟାହୃତ ହେବେ, ବିକାଶର ସହଯୋଗ ସୃଷ୍ଟି ହେବ" ଆଦିର ଫମ୍ପା ଆୱାଜ୍ ଦେଇ କେତେବେଳେ ଇସ୍‌ଲାମାବାଦ ଦିଲ୍ଲୀକୁ ଡାକୁଛି ତ' କେତେବେଳେ ଦିଲ୍ଲୀ ଇସ୍‌ଲାମାବାଦକୁ ଡାକୁଛି। କିନ୍ତୁ ଶେଷରେ ଯାହା ସେଇଆ। ପାକିସ୍ତାନର ଡିମିରିଫୁଲିଆ ମନଟା ଭିତରେ ଭାରତବିରୋଧୀ ଭାବ ସଦାସର୍ବଦା ଜାଗ୍ରତ ହୋଇ ରହିଛି।



ଆମ୍ଭମାନଙ୍କର ଦେହ ଓ ମନ ସବୁ ଦେଶୀର ଅଭିନୟ କରୁଥିଲେ ମଧ ଅଦୃଶ୍ୟରେ ଏମାନେ ବିଦେଶୀ ସ୍ୱଭାବକୁ ଜାବୁଡ଼ି ଧରିଛନ୍ତି। ଦେଖୁନାହାନ୍ତି କେତେ କଷ୍ଟରେ ଅନେକ ବର୍ଷ ପରେ ଆମେ ଇପ୍‌ସିତ ସ୍ୱାଧୀନତା ପାଇଲୁ। ଇଷ୍ଟଇଣ୍ଡିଆ କମ୍ପାନୀ ଆମ ଦେଶ ଛାଡ଼ି ଚାଲିଗଲା। କିନ୍ତୁ ଆଜି ଆମ ଦେଶରେ ଶହ ଶହ ଇଷ୍ଟଇଣ୍ଡିଆ କମ୍ପାନୀ ଆସ୍ଥାନ ଜମାଇଛନ୍ତି। ଜଗତୀକରଣ ଓ ଉଦାରୀକରଣର କପଟପାଶାରେ ଆମେ ଆଜି ନିଜର ସ୍ୱାଧୀନତା ଟିକକ ହରାଇ ବସିଛୁ। ସର୍ବତ୍ର ଦେହବାଦୀ ସଂସ୍କୃତି ଏବଂ ଉପଭୋଗର ପର୍ବ ଚାଲିଛି। ଭାରତବର୍ଷରେ ବୃଦ୍ଧିପାଇଛି ବିଶ୍ୱସୁନ୍ଦରୀଙ୍କ ସଂଖ୍ୟା। ବୃଦ୍ଧିପାଇଛି ଅନାହାର ମୃତ୍ୟୁ ଆଉ ବୃଦ୍ଧି ବି ପାଇଛି ଅପରାଧ। ତା'ପରେ 'ବିଉଟି ପାର୍ଲର', 'ସାଇବର କେଫ୍'ର ଲେଖାମାନ ନିଅନ ଆଲୁଅରେ ଝଲସୁଥିଲେ ମଧ ଭିତରେ ଚାଲୁଛି ଅକ୍ଷମଣୀୟ କୁତ୍ସିତ କର୍ମ। ଏକ ନକଲି ଭାରତୀୟତାର ମୁଖାଟିଏ ପିନ୍ଧି ଆମେ ଆଜି ଅଣଭାରତୀୟ ସଂସ୍କୃତି ଓ ସଭ୍ୟତା ପ୍ରତି ଆକୃଷ୍ଟ ହୋଇପଡ଼ିଛେ, ଯାହାଫଳରେ ଆମେ ଆଜି ଦେଶର କାଞ୍ଚନଜଙ୍ଘା ଓ ନନ୍ଦାଦେବୀର ସୌନ୍ଦର୍ଯ୍ୟକୁ ଉପଭୋଗ ନ କରି ଆଲ୍‌ପସ୍ ଓ ଆଣ୍ଡିଜର ଗୁଣ ଗାଉଛେ। ପବିତ୍ର ଗଙ୍ଗାନଦୀର ପୂତ ମନ୍ଦାକିନୀ ଧାରାକୁ ପ୍ରଦୂଷିତ କରି ଆଜି ଆମେ ଆମାଜନ୍, ଟେମ୍‌ସ, ନୀଳ ଓ କାଇରୋର ଚହଲାପାଣିରେ ନିଜର ବିକୃତ ପ୍ରତିବିମ୍ବକୁ ଦେଖି ଆତ୍ମଶ୍ଳାଘା ଅନୁଭବ କରୁଛେ। ଡିମିରିଫୁଲର ମନ ଓ ପ୍ରବୃତ୍ତିକୁ ଦେଖିହୁଏ ନାହିଁ କି ଜାଣି ହୁଏ ନାହିଁ ବୋଲି ଆମେ ଆଜି ଠକି ଚାଲିଛେ ଆମେ ଦେଶକୁ, ଜାତିକୁ ତଥା ଏ ସମାଜକୁ।

କଠିନ ଆବରଣ ତଳେ ଅପ୍ରକାଶ୍ୟ ଡିମିରିଫୁଲ ଦିନେ ଫଳ ପାଲଟେ ଓ ସମୟକ୍ରମେ ପାଚିଯାଏ। କୁଆ କୋଇଲିର ଥଣ୍ଟରେ ଫଳର ଶସ ସବୁ ବାହାରି ଆସେ। କିନ୍ତୁ ସେ ବହଳ ଶସରେ ନ ଥାଏ ଫୁଲର ସୌନ୍ଦର୍ଯ୍ୟ ଓ ସୌରଭ। ସେହିପରି ଡିମିରିଫୁଲିଆ ମନ ଦେଇ ବଞ୍ଚୁଥିବା ମଣିଷମାନେ ଅପ୍ରକାଶ୍ୟରେ ଅପରାଧ କରନ୍ତି। କିନ୍ତୁ ଦିନେ ନା ଦିନେ ଆଇନର ଜାଲରେ ସେମାନେ ଛନ୍ଦି ହୋଇପଡ଼ନ୍ତି, ସେମାନଙ୍କ ମନ ଓ ପ୍ରବୃତ୍ତିର ପ୍ରକୃତ ସ୍ୱରୂପ ଉନ୍ମୋଚନ ହୋଇଉଠେ। ଇଜ୍ଜତ, ମାନ ସମ୍ମାନ ସବୁ ମାଟିରେ ମିଶିଯାଏ। ଡିମିରିଫୁଲର ମନଟା କେବଳ ଅନୁତାପାନଳରେ ଦଗ୍ଧ ହୁଏ ସିନା କେବେ ବି କ୍ଷମା ଦେଇ ନ ଥାଏ। *-ନୟାଗଡ଼*

# ଓଡ଼ିଶାର ମନଲୋଭା ବେଳାଭୂମି

**ଶରତ କୁମାର ରାଉତ**



ଦୁ ର୍ଲଭ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଥିବା ବିଶ୍ୱର କୌଣସି ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଠାରୁ ଯେ ଓଡ଼ିଶାର ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଅଧିକ ମନୋରମ, ଉନ୍ନତମାନର ଓ ଅପରୂପ ସୌନ୍ଦର୍ଯ୍ୟରେ ଭରା, ତାହା ହୁଏତ ସମସ୍ତେ ଜାଣନ୍ତି ନାହିଁ। ଏଠାରେ କେନ୍ଦ୍ରାପଡ଼ା ଜିଲ୍ଲାର ସମୁଦ୍ର ତଟ ଓ ବଙ୍ଗୋପସାଗର ମଧ୍ୟରେ ଥିବା ବିଭିନ୍ନ ଦ୍ୱୀପର ଉଦାହରଣ ନିଆ ଯାଇପାରେ। ଏକ କମନୀୟ କ୍ଷୁଦ୍ର ବେଳାଭୂମି ସଦୃଶ ଅବିକଳ ଧନୁ ଆକାରର ୭.୬ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏକ ମନଲୋଭା ବେଳାଭୂମି ଲମ୍ବିଛି ସାତଭାୟା ଓ ବରୁଣେଇ ମୁହାଣ ମଧ୍ୟରେ। ଯାହା ସଂଲଗ୍ନ ରହିଛି ବିଶ୍ୱ ବିଖ୍ୟାତ ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା ତଥା କଇଁଛ ପ୍ରଜନନ କେନ୍ଦ୍ର। ତଟବର୍ତ୍ତୀ ଅଳ୍ପ କେତୋଟି ଗ୍ରାମକୁ ଛାଡ଼ିଦେଲେ, ସାରା ଅଂଚଳ ଘଂଚ ଅରଣ୍ୟାନିରେ ପୂର୍ଣ୍ଣ। ଏହି ସୁଦୀର୍ଘ କମନୀୟ ବେଳାଭୂମି ଠାରୁ ବଙ୍ଗୋପସାଗର ଭିତରକୁ ହାରାହାରି ୧୮ କି.ମି. ଦୂରରେ ରହିଛି ଏକ ପ୍ରାକୃତିକ ଅନାମଧେୟ ଆଇଲାଣ୍ଡ୍। ଯାହା ସୁନ୍ଦର ବୃକ୍ଷରାଜି ଓ କମନୀୟ ସୌନ୍ଦର୍ଯ୍ୟରେ ଭରା ୨୪ ଏକର ପରିମିତ ଅଂଚଳ। ଏହାର ମାତ୍ର ୫ କି.ମି. ଦୂର ଦକ୍ଷିଣକୁ ବ୍ରିଟିସ୍ ବାଣିଜ୍ୟର କୋଠା ହୁକିଟେଲା ଓ ଏଠାରୁ ମାତ୍ର ୪.୫ କି.ମି. ଦୂର ଦକ୍ଷିଣକୁ ବତୀଘର ଏବଂ ଏହାର ପଶ୍ଚିମକୁ ସ୍ଥଳ ସୀମାକୁ ଲାଗି ରହିଛି ଜମ୍ବୁ ଜେଟୀ ଓ ଖରିନାସୀ ଜେଟୀ। ଜମ୍ବୁ ଜେଟୀ ନିକଟରୁ ୬.୫ କି.ମି. ସମୁଦ୍ର ଭିତରକୁ ଅନ୍ୟ ଏକ ଆଇଲାଣ୍ଡ ରହିଛି, ଯାହାର ନାମ ମାଦେଲି ଚଢା। ପ୍ରାୟ ୧୦୦ଏକର ପରିମିତ ଅଂଚଳର ଏହି ଆଇଲାଣ୍ଡ, ହୁକିଟେଲା ଓ ବତୀଘର ଭୌଗୋଳିକ ଦୃଷ୍ଟିରୁ ଏକ ସମବାହୁ ତ୍ରିଭୁଜ ଭିତରେ ରହିଛନ୍ତି। ଅର୍ଥାତ୍ ଏହି ଆଇଲାଣ୍ଡ ପାଖରୁ ୪.୫ କି.ମି. ଉତର-ପୂର୍ବକୁ ହୁକିଟେଲା ଓ ୪.୫ କି.ମି. ଦକ୍ଷିଣ-ପୂର୍ବକୁ ବତୀଘର ଓ ବଙ୍ଗୋପସାଗରର ରିମ୍‌ଝିମ୍ ନୀଳ ଜଳରାଶି ପ୍ରତ୍ୟେକ ନିଜ ନିଜର ଅପରୂପ ସୌନ୍ଦର୍ଯ୍ୟ ପରିପ୍ରକାଶ କରୁଥିବା ବେଳେ ଏସବୁର ଫେଂଟାଫେଂଟିରେ ଯେଉଁ ଦୁର୍ଲଭ ପ୍ରାକୃତିକ ଦୃଶ୍ୟରାଜିର ସମାହାର ଘଟୁଛି ଏଠାରେ, ତାହାର ଏଯାଏ ଉପଯୁକ୍ତ ଉପଯୋଗ ହୋଇ ପାରିନାହିଁ। ତେବେ ବହୁ ବିଳମ୍ବରେ ହେଲେ ମଧ୍ୟ ଭିତରକନିକା ଓ ଏହାର ଆଖପାଖ ଅଂଚଳର ବିକାଶ ତଥା କ୍ରୁଇଜ୍ ବ୍ୟବସ୍ଥା ପାଇଁ କେରଳ ଇନ୍‌ଲାଣ୍ଡ ଅଥରିଟି ସହିତ ରାଜିନାମା ସ୍ୱାକ୍ଷରିତ ହୋଇଛି। ସେହିପରି ୨୦୧୪ ମସିହାରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ବତିଘର ଓ ଜମ୍ବୁ ଦ୍ୱୀପରେ ଥିବା ହୁକିଟେଲାର ଶୀଘ୍ର ବିକାଶ ହେବାର ଆବଶ୍ୟକତା ରହିଛି। ହୁକିଟେଲାରେ ଥିବା ବ୍ରିଟିସ୍ ଅମଳର କୋଠାକୁ ବିଶ୍ୱବ୍ୟାଙ୍କର ୧କୋଟି ୩ଲକ୍ଷ ୯୩ ହଜାର ଟଙ୍କା ଅନୁଦାନରେ ପୁନରୁଦ୍ଧାର କରାଯିବାର ବ୍ୟବସ୍ଥା ହୋଇଛି। ହୁକିଟେଲା ଠାରେ ଗୋଟିଏ ଫ୍ଲୋଟିସ୍ ଜେଟି ନିର୍ମାଣ ହେବାର ପ୍ରସ୍ତାବ ରହିଥିବାବେଳେ ହୁକିଟେଲା ଯା'ଆସ ପାଇଁ ନଦୀକୂଳ ଠାରୁ ହୁକିଟେଲା ପର୍ଯ୍ୟନ୍ତ ଏକ ସଂଯୋଗ ରାସ୍ତା ନିର୍ମାଣ ହୋଇଛି। ହୁକିଟେଲା ଠାରେ ମଧ୍ୟ ଏକ ୱାଚ୍ ଟାୱାର ନିର୍ମିତ ହୋଇଛି। ବାସ୍ତବିକ ଓଡ଼ିଶାର ବେଳାଭୂମିକୁ ଉପଯୁକ୍ତ ଉପଯୋଗ କରି ବିଶ୍ୱର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଇବା ଉତ୍କଳର ମୁକୁଟବିହୀନ ସମ୍ରାଟ ବିଜୁବାବୁଙ୍କର ସ୍ୱପ୍ନ ଥିଲା ଓ ସେ ବହୁବାର ଉପକୂଳବାସୀଙ୍କୁ ଏଥିପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସେ ସ୍ୱୟଂ ଇଣ୍ଡୋନେସିଆ, ଥାଇଲାଣ୍ଡ ଓ ସିଙ୍ଗାପୁର ବେଳାଭୂମିର ଉପଯୁକ୍ତ ଉପଯୋଗ ହୋଇଥିବା ଦେଖି ଓଡ଼ିଶାର ବେଳାଭୂମିକୁ ସେହି ଢଙ୍ଗରେ ଗଢି ତୋଳିବାକୁ ଏକପ୍ରକାର ବଦ୍ଧ ପରିକର ଥିଲେ। ମାତ୍ର ତାଙ୍କ ଜୀବଦ୍ଦଶାରେ ଏହା ସମ୍ଭବ ହୋଇ ପାରିନଥିଲା। ହେଲେ ତାଙ୍କର ଅଧୁରା ସ୍ୱପ୍ନ ପୂରଣ କରିବା ତାଙ୍କ ପୁତ୍ର ନବୀନ ପଟ୍ଟନାୟକଙ୍କ ପାଇଁ କିଛି ବଡ଼ କଥା ନୁହେଁ।

ମନୋରମ ଦେଶ ଥାଇଲାଣ୍ଡ ଏକ ପ୍ରଦୂଷଣ ମୁକ୍ତ ଦେଶ ଓ ଏହା ମଧ୍ୟ ମନୋରମ ସପିଙ୍ଗ୍ କମ୍ପ୍ଲେକ୍ସ, ସୁନ୍ଦର ସଡ଼କ ଓ କମନୀୟ ଦୃଶ୍ୟରାଜି ଭରା ସମୁଦ୍ର ବେଳାଭୂମି ଏବଂ ସୁସ୍ଥ ପରିବେଶ ପାଇଁ ପ୍ରସିଦ୍ଧ। ଥାଇଲାଣ୍ଡ ଓ ତାହାର ସମୁଦ୍ର ବେଳାଭୂମିର ମନୋରମ ଦୃଶ୍ୟରାଜି ବିଶ୍ୱରେ ପ୍ରମୁଖ ସ୍ଥାନ ଦଖଲ କରିଛି। ସବୁଠୁ ଆକର୍ଷକ ଦୃଶ୍ୟରାଜି ହେଲା, ଏହାର ପଟାୟା ସମୁଦ୍ର ବେଳାଭୂମିର କମନୀୟ ରୂପ। ଏହି ବେଳାଭୂମିର ଦୈର୍ଘ୍ୟ ମାତ୍ର ୧.୨୫ କିଲୋମିଟର ଓ ଚଉଡ଼ା ମାତ୍ର ୧୫୦ ମିଟର। ୧୭ ଏକର ବିଶିଷ୍ଟ ଏହି ଆଇଲାଣ୍ଡର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସାରା ବିଶ୍ୱରୁ ଛୁଟି ଆସନ୍ତି ହଜାର ହଜାର ପର୍ଯ୍ୟଟକ ପ୍ରତିଦିନ। ଆଉ ପର୍ଯ୍ୟଟକ ମାନଙ୍କ ଆଗମନରେ ପଟାୟା ଅନେକ ସୁନ୍ଦର ଅଟ୍ଟାଳିକାକୁ ନେଇ ଏକ ଲୋଭନୀୟ ନଗରୀରେ ପରିଣତ ହୋଇଛି। ଏହା ବିଶ୍ୱ ପର୍ଯ୍ୟଟନର ବିଖ୍ୟାତ କ୍ଷେତ୍ର ସିଙ୍ଗାପୁରଠାରୁ ମଧ୍ୟ ଲୋଭନୀୟ। ସେହିପରି କେନ୍ଦ୍ରାପଡ଼ାର ମନୋରମ ସାମୁଦ୍ରିକ ପର୍ଯ୍ୟଟନ ଓ ପର୍ଯ୍ୟଟନ ସ୍ଥଳ ଗୁଡ଼ିକୁ ପଟାୟା ଭଳି ବିକଶିତ କରାଯାଇ ପାରିଲେ, ଏହା ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକ ମଧ୍ୟରେ ଅଦ୍ୱିତୀୟ ହୋଇ ପାରିବ। ତେବେ ଏହି ଅଂଚଳକୁ ଏକ ଦୁର୍ଲ୍ଲଭ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାକୁ ହେଲେ, ଅତି ବେଶୀରେ ୫୦୦ ରୁ ୬୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ। ଏହାର ଦାୟିତ୍ୱ ରାଜ୍ୟ ସରକାର ମଧ୍ୟ କୌଣସି ଘରୋଇ ସଂସ୍ଥାକୁ ଦେଇ ପାରନ୍ତି। ଏହି ଆଶା ବାସ୍ତବରେ ପରିଣତ ହେଲେ, ଏହା ଯେ ପୃଥିବୀର ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ଅନନ୍ୟ ଭୂମିକା ଗ୍ରହଣ କରିବ, ଏଥିରେ ତିଳେହେଁ ସନ୍ଦେହ ନାହିଁ। ଏହା ଦ୍ୱାରା ଓଡ଼ିଶା ସରକାରଙ୍କର ପ୍ରଚୁର ବୈଦେଶିକ ମୁଦ୍ରା ଆୟ ହେବା ସହ ସ୍ଥାନୀୟ ଅଂଚଳର ଆର୍ଥିକ, ସାମାଜିକ ଓ ପାରିପାର୍ଶ୍ୱିକ ଉନ୍ନତି ସମ୍ଭବ ହେବ। ସେହିପରି ଆମର ୪୮୦ କିମି ବ୍ୟାପୀ ମନୋରମ ଉପକୂଳର ପ୍ରାକୃତିକ ଦୃଶ୍ୟରାଜି ଓ ରାଜ୍ୟରେ ଥିବା ଅନେକ ଅପରୂପ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ଆବଶ୍ୟକ ହୋଇ ପଡ଼ିଛି।

ବିଶ୍ୱର ଅନେକ ବିକଶିତ ଦେଶ ନିଜର ପର୍ଯ୍ୟଟନ ଶିଳ୍ପର ବିକାଶ ଯୋଗୁ ଆଗକୁ ବଢିଥିବା ନଜିର ରହିଛି। ମାତ୍ର ଆମ ଦେଶରେ ଏଇ ଧାରଣ, ଧାରଣାରେ ହିଁ ରହିଯାଇଛି। ଏ କ୍ଷେତ୍ରରେ ରାଜ୍ୟ ପର୍ଯ୍ୟଟନ ବିଭାଗର ସକ୍ରିୟ ଭୂମିକା ଆବଶ୍ୟକ। ଏହି ଅଂଚଳର ପର୍ଯ୍ୟଟନ କ୍ଷେତ୍ରକୁ "ବିଜୁ ପର୍ଯ୍ୟଟନ କ୍ଷେତ୍ର"ନାମରେ ନାମିତ କରାଯାଇପାରେ। ପଟାୟା ଭଳି ଦେଶ-ବିଦେଶର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମତରେ, ବିଶ୍ୱର ଅନ୍ୟାନ୍ୟ ଦ୍ୱୀପ ଠାରୁ ଆମ ଓଡ଼ିଶାର ଦ୍ୱୀପଗୁଡ଼ିକ ବହୁ ଗୁଣରେ ଉନ୍ନତ, କମନୀୟ ଓ ଦର୍ଶନୀୟ। ବିଶ୍ୱ ବିଖ୍ୟାତ ପର୍ଯ୍ୟଟନ ସ୍ଥଳୀ ଭଳି କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ଠାରୁ ଆରମ୍ଭ କରି ସମୁଦ୍ର ଉପକୂଳର ଅପରୂପ ପ୍ରାକୃତିକ ଦୃଶ୍ୟ, ହୁକିଟେଲା, ଜମ୍ବୁ, ବ୍ରିଟିସ୍ ବାଣିଜ୍ୟର କୋଠା ଓ ମନୋରମ ଦ୍ୱୀପଗୁଡ଼ିକୁ ନେଇ ଏକ ବିଶାଳ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବା ଉଚିତ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ଠା ଓ ଆନ୍ତରିକତାର ଆବଶ୍ୟକତା ରହିଛି। ତେବେ ଜିଲ୍ଲାରେ ଅସୁରକ୍ଷା ବଳୟରେ ରହିଥିବା ବିଶ୍ୱବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ହେନ୍ତାଳ ଜଙ୍ଗଲ ଆଦି ଐତିହ୍ୟର ମଜଭୁତ୍ ସୁରକ୍ଷା ଓ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଜିଲ୍ଲାର ସାଂସଦ ଓ ବିଧାୟକ ମାନେ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି ଜିଲ୍ଲାବାସୀ ଗଭୀର ଆଶା ରଖିଛନ୍ତି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*




# ଡେଙ୍ଗୁ ଓ ଯକୃତ ସଂକ୍ରମଣର ଭୟାବହତା

ଭୁବନେଶ୍ୱର (ପିଏନ୍): ହାଡ଼ଭଙ୍ଗା (ବ୍ରେକ ବୋନ ଫିଭର୍) ବା ଡେଙ୍ଗୁଜ୍ୱର ସାଧାରଣତଃ ଗ୍ରୀଷ୍ମମଣ୍ଡଳ ବା କ୍ରାନ୍ତି ବଳୟରେ ଦେଖାଯାଇଥାଏ। ପ୍ରତିବର୍ଷ ପାଞ୍ଚଶହ ଲକ୍ଷ ଲୋକ ଡେଙ୍ଗୁଜ୍ୱରରେ ଆକ୍ରାନ୍ତ ହେଉଛନ୍ତି ଓ ପାଞ୍ଚଲକ୍ଷ ଲୋକ ଚିକିତ୍ସାଳୟରେ ଭ□ ହେଉଛନ୍ତି। ସମଗ୍ର ଦକ୍ଷିଣ ଏସିଆ, ଆଫ୍ରିକା ଓ ଆମେରିକାରେ ଏହି ରୋଗର ପ୍ରାର୍ଦୁଭାବ ଦେଖାଯାଏ। ପୁଣି ସେହି ଦେଶକୁ ଯେଉଁମାନେ ବୁଲିବାକୁ ଯାଆନ୍ତି ସେମାନେ ମଧ୍ୟ ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁଯାୟୀ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତି ବର୍ଷ ବଢ଼ିବାରେ ଲାଗିଛି। ୧୯୯୦ରୁ ୧୯୯୯ ମଧ୍ୟରେ ପ୍ରତିବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪.୭ଲକ୍ଷ ଥିଲାବେଳେ ୨୦୦୦ରୁ ୨୦୦୫ ମଧ୍ୟରେ ଏହି ସଂଖ୍ୟା ପ୍ରାୟ ଦୁଇଗୁଣ ବଢ଼ି ୯.୨ ଲକ୍ଷ ହୋଇଛି। ଏହି ଜ୍ୱର ଏଡ଼ିସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ମ୍ୟାଲେରିଆ ଓ ଡେଙ୍ଗୁ ଉଭୟେ ମଶା ଦ୍ୱାରା ସଂକ୍ରମିତ ହୁଏ। ଏହି ଜ୍ୱର ଫ୍ଲେଭିଭାଇରସ୍ ଭୂତାଣୁ ଦ୍ୱାରା ହୋଇଥାଏ। ଏହା ଏକ ଆରଏନ୍ଏ ଭୂତାଣୁ ଓ ଏହାର ଜିନୋମ୍ ଏକଧାରାବାହୀ। ସମ୍ପ୍ରତି ଡେଙ୍ଗୁର ଭୟାବହତା ରାଜ୍ୟର କେତେକ ସ୍ଥାନରେ ଦେଖାଯାଇଛି। ଏହି ଭୂତାଣୁକୁ ବହନ କରୁଥିବା ମଶା ହେଉଛି ଏଡ଼ିସ୍ ଇଜିପ୍ଟି ଏବଂ ଏଡ଼ିସ୍ ଆଲ୍‌ବୋପିକ୍ଟସ୍। ଦେଖିବାକୁ କଳା ରଙ୍ଗର ଏବଂ ସେମାନଙ୍କ ଉପରେ ଧଳା ଦାଗ ଥିବାରୁ ଏହି ମଶାକୁ ବାଘୁଆ ମଶା କୁହାଯାଏ। ଏହି ମଶାମାନେ ବିଶେଷକରି ସନ୍ତସନ୍ତିଆ ଜାଗା, ପାଣି ଜମା ହୋଇଥିବା ସ୍ଥାନ ଏବଂ ଆବର୍ଜନା ଜମି ଥିବା ସ୍ଥାନରେ ବଂଶ ବୃଦ୍ଧି କରିଥାନ୍ତି। ଦେଖାଯାଇଥାଏ ଏହି ମଶା କାମୁଡ଼ିବାର ପାଞ୍ଚଛଅ ଦିନ ପରେ ଡ଼େଙ୍ଗୁର ଲକ୍ଷଣ ଦେଖାଯାଇଥାଏ। ଏହି ଭୂତାଣୁ ଶରୀରରେ ଚାରିରୁ ଦଶଦିନ ପର୍ଯ୍ୟନ୍ତ ରହିଥାଏ। ଡ଼େଙ୍ଗୁ ଭୂତାଣୁ ଶରୀରର ବିଭିନ୍ନ ଅଙ୍ଗକୁ ଅଚଳ କରିଥାଏ। ଡେଙ୍ଗୁ ଯୋଗୁଁ ରକ୍ତଚାପ କମିଯାଏ, ଶରୀରରେ ପ୍ଲାଟିଲେଟ ହ୍ରାସ ପାଇଥାଏ। ଡେଙ୍ଗୁ ଭୂତାଣୁ ଜଣ୍ଡିସ୍‌ରୋଗ ସୃଷ୍ଟି କରିବାର ସମ୍ଭାବନା ବି ରହିଛି। ଏହା ଯକୃତ, ବୃକକ୍, ଓ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ। କେବଳ ସେତିକି ନୁହେଁ ଡେଙ୍ଗୁ ଯୋଗୁଁ ମଲ୍ଟି ଅର୍ଗାନ ଫେଲୁଅର ହେବାର ସମ୍ଭାବନା ବି ରହିଛି। ଡେଙ୍ଗୁ ଭୂତାଣୁ ଯକୃତ ଉପରେ ବିଶେଷ ପ୍ରଭାବ ପକାଇଥାଏ। ଯକୃତର ଏନ୍‌ଜାଇମ ଗୁଡ଼ିକ ବଢ଼ିଯାଏ। ଜଣ୍ଡିସ୍ ଦେଖାଦିଏ ଓ ଜଣ୍ଡିସ୍ ବଢ଼ିଗଲେ ଯକୃତ ପୁରାପୁରି ଅକାମି ହୋଇଯାଏ। ଏହାକୁ ଏକ୍ୟୁଟ୍ ଲିଭର ଫେଲୁଅର କୁହନ୍ତି। ଏହି ଜ୍ୱରର ଯନ୍ତ୍ରଣାଦାୟକ ଅବଧି ତିନିଦିନରୁ ଦୁଇସପ୍ତାହ ରହିଥାଏ। କିନ୍ତୁ ବିଶେଷକରି ପାଞ୍ଚଛଅ ଦିନ ପ୍ରାରମ୍ଭିକ ଅବସ୍ଥାରେ ମାଂସପେଶୀ ଓ ଗଣ୍ଠି ବ୍ୟଥା ହୋଇ ଯନ୍ତ୍ରଣାଦାୟକ ହୁଏ। ରୋଗୀର ମୁଣ୍ଡବିନ୍ଧା ଓ ଆଖିର ପଛପଟ ବିନ୍ଧା ହେବା ସହ ଖାଇବା ପ୍ରତି ଆଗ୍ରହ କମିଯାଏ। ଖାଦ୍ୟର ସ୍ୱାଦ ରୋଗୀଟି ଜାଣିବାକୁ ସମର୍ଥ ହୋଇନଥାଏ। କେତେକ ରୋଗୀଙ୍କ କ୍ଷେତ୍ରରେ ମୁହଁ ଲାଲ ଦିଶିଥାଏ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜ୍ୱର ହେବାର ଦିନେ ଦୁଇଦିନ ଭିତରେ ଶରୀରର ବିଭିନ୍ନ ଅଂଶରେ ଲାଲି ରଙ୍ଗର ମିଳିମିଳା ଭଳି ଚାରିଆଡ଼େ ଫଳି ଯାଏ। ରୋଗୀଟିକୁ ଜ୍ୱର ପ୍ରାୟତଃ ଲାଗି ରହିଥାଏ। ନାକରୁ ପାଣି ବୋହିବା ସହ ଖାଦ୍ୟନଳୀରେ ଯନ୍ତ୍ରଣା ଦେଖାଯାଏ ଏବଂ ବେଳେବେଳେ ପତଳା ଝାଡ଼ା ମଧ୍ୟ ହୋଇଥାଏ। ଦେହରୁ ଯଥେଷ୍ଟ ପରିମାଣରେ ଝାଳ ବୋହିବା ଦ୍ୱାରା ରୋଗୀ ଜଣଙ୍କ ଅତ୍ୟନ୍ତ ଦୁର୍ବଳ ଅନୁଭବ କରିଥାନ୍ତି। ଏହି ସମ୍ବେଦନଶୀଳ ରୋଗ ହୋଇଥିଲେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଜରୁରୀ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଡେଙ୍ଗୁର ପାର୍ଦୁଭାବକୁ ଚାରିଟି କ୍ରମରେ ବିଭକ୍ତ କରିଛନ୍ତି। ଏହି କ୍ରମ ଗୁଡ଼ିକ ହେଲା – ଜ୍ୱର ସହିତ କିଛି କ୍ଷେତ୍ରରେ ବାନ୍ତି ହେବା ସହ ନିଦ୍ରା ହୋଇନଥାଏ। ରୋଗୀଟି ପ୍ରାୟତଃ ଅସ୍ଥିର ରହି ଦୀର୍ଘ ସମୟ ଧରି କାନ୍ଦି ଥାଏ। ନିଶ୍ୱାସ ନେବାରେ କଷ୍ଟ ହେବା ସହ ଦ୍ୱିତୀୟ କ୍ରମରେ ଶରୀରର ନାକ, ପାଟି, ଦାନ୍ତମାଢ଼ିରୁ ରକ୍ତସ୍ରାବ ହୋଇଥାଏ। ତୃତୀୟ କ୍ରମରେ ରକ୍ତଚାପ କମିଯିବା ସହ ନାଡ଼ିର ଗତି ଦୁର୍ବଳ ହୋଇଥାଏ। ଚତୁର୍ଥ କ୍ରମରେ ନାଡ଼ିର ସ୍ପନ୍ଦନ ଜଣା ନପଡ଼ିଲେ ଏବଂ ରକ୍ତଚାପ କମିଗଲେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଭୟ ବି ରହିଥାଏ। ଏହାକୁ ଯଥାକ୍ରମେ ଡେଙ୍ଗୁ ଜ୍ୱର ଓ ଡେଙ୍ଗୁ ରକ୍ତଜ୍ୱର ଓ ଡେଙ୍ଗୁ ସକ୍‌ସିଣ୍ଡ୍ରୋମ କୁହାଯାଏ। ଲିଭର ସଂକ୍ରମଣ ସାଧାରଣତଃ ମହିଳା ଓ ଶିଶୁମାନଙ୍କ ଠାରେ ବିଶେଷ ଭାବେ ଦେଖାଦିଏ ଏବଂ ଏମାନଙ୍କ କ୍ଷେତ୍ରରେ ଡେଙ୍ଗୁର ପ୍ରାର୍ଦୁଭାବ ବେଶୀ। ଡାଇବେଟିସ୍, ଆଜ୍‌ମା, କ୍ରୋନିକ୍ ଲିଭର ଡିଜିସ୍ ଓ ଅନ୍ୟାନ୍ୟ ରୋଗୀଙ୍କୁ ଡେଙ୍ଗୁ ହେଲେ ଡେଙ୍ଗୁର ପ୍ରାର୍ଦୁଭାବ ବିଶେଷ ଭାବେ ଉପଲବ୍ଧି ହୁଏ। ଯକୃତ ଆକ୍ରାନ୍ତ ହେଲେ ପେଟ ବ୍ୟଥା ହୁଏ, ଭୋକ କମିଯାଏ, ବାନ୍ତି ହୁଏ, ପେଟରେ ଓ ଛାତିରେ ପାଣି ଜମିଯାଏ। ଯକୃତ ଫୁଲିଯାଏ ଓ ବେଳେ ବେଳେ ବ୍ରେନ୍ ଓ ହୃତ୍‌ପିଣ୍ଡ ମଧ୍ୟ ଆକ୍ରାନ୍ତ ହୁଏ। ଏହି ଭୂତାଣୁ ସିଧାସଳଖ ଲିଭରକୁ ଆକ୍ରମଣ କରନ୍ତି। ବେଳେ ବେଳେ ରୋଗପ୍ରତିରୋଧକ ଶକ୍ତିର ପରିବ□ନ ଯୋଗୁଁ ମଧ୍ୟ ଲିଭର କୋଷ ଆକ୍ରାନ୍ତ ହୁଏ। ଦେହରେ ଆଲବୁମିନ୍ କମିଯାଏ ଓ ଦେହ ହାତ ଫୁଲିଯାଏ। ରକ୍ତଜମାଟ ବାନ୍ଧିବା ପଦ୍ଧତି ବା ସ୍ପନ୍ଦନରେ ମଧ୍ୟ ତ୍ରୁଟି ଦେଖାଦିଏ। ଯକୃତ ଖରାପ ହେବା ଯୋଗୁଁ ଶରୀରରେ ସ୍ପନ୍ଦନ ଉପାଦାନ କମିଯାଏ ଓ ରକ୍ତ ଜମାଟ ବାନ୍ଧି ନପାରି ବିଭିନ୍ନ ଅଂଶରେ ବ୍ଲିଡ଼ିଂ ବା ରକ୍ତସ୍ରାବ ହୁଏ। ଯଦିଓ ଏହା ଏକ ଭୟାବହ ରୋଗ କିନ୍ତୁ ଅଧିକାଂଶ କ୍ଷେତ୍ରରେ ରୋଗୀମାନେ ଆରୋଗ୍ୟ ଲାଭ କରନ୍ତି। ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସା କରାଯାଏ। ଶରୀରରେ ପ୍ଲାଟିଲେଟ ଓ ସ୍ପନ୍ଦନ ଉପାଦାନ କମିଗଲେ ରୋଗୀକୁ ପ୍ଲାଟିଲେଟ ଦିଆଯାଏ। ବେଳେ ବେଳେ ଆଲବୁମିନ୍ ମଧ୍ୟ ଦେବାକୁ ପଡ଼େ। ଜଣ୍ଡିସ୍ ରୋଗର ଚିକିତ୍ସା ମଧ୍ୟ କରିବାକୁ ପଡ଼ିଥାଏ। ବାନ୍ତି, ଜ୍ୱର ଓ ଡିହାଇଡ୍ରେସନ୍ ହେଲେ ତଦନୁଯାୟୀ ଚିକିତ୍ସା କରିବାକୁ ପଡ଼େ। ବେଳେ ବେଳେ ଗୁରୁତର ରୋଗୀଙ୍କୁ ଆଇସିୟୁରେ ମଧ୍ୟ ରଖାଯାଏ। ଯକୃତ ଅକାମି ହେଲେ ଭେଣ୍ଟିଲେସନ୍‌ର ମଧ୍ୟ ଆବଶ୍ୟକତା ରହିଛି। ଡେଙ୍ଗୁ ଆକ୍ରାନ୍ତ ହେଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ବିଶେଷ ଭାବରେ ଭୟଭୀତ ନହୋଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ହସ୍‌ପିଟାଲରେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ଡେଙ୍ଗୁ ପାଇଁ ସମ୍ପ୍ରତି ସରକାର ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଜିଲ୍ଲାସ୍ତରୀୟ ହସ୍‌ପିଟାଲ ଏବଂ ବଡ଼ ମେଡ଼ିକାଲ ସବୁଠି ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି। ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବା ପାଇଁ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତରଖାନା ପରିଦର୍ଶନ କରି ସମସ୍ତ ପ୍ରକାର ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ବିଭିନ୍ନ ସଚେତନଧର୍ମୀ ସୂଚନା ପ୍ରଦାନ ସହ ଡ୍ରେନ୍‌ରେ ମଶା ତେଲ ଓ ସନ୍ଧ୍ୟାବେଳେ ମଶାଧୂଆଁର ବ୍ୟବସ୍ଥା କରାଯାଇଛି। ଡେଙ୍ଗୁ ଆକ୍ରାନ୍ତଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଡେଙ୍ଗୁ ୟୁନିଟ୍ ଖୋଲା ଯିବା ସହ ଭେଷଜ ବିଭାଗର ପ୍ରଫେସରମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଚିକିତ୍ସକ ମଣ୍ଡଳୀ ଗଠନ କରାଯାଇଛି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଡେଙ୍ଗୁ ନିୟନ୍ତ୍ରଣ, ଚିକିତ୍ସା ଓ ଏହାକୁ ନେଇ ସାଧାରଣରେ ସଚେତନତା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଓ ଯୋଜନା ହାତକୁ ନେଇଛନ୍ତି। ଏ କ୍ଷେତ୍ରରେ ତୁଟୁକା ଟୁଟୁକି ଚିକିତ୍ସା ବା ବିଶ୍ୱାସ ଅପେକ୍ଷା ସରକାରୀ ଚିକିତ୍ସା ଓ ସହାୟତା ହିଁ ନିର୍ଭରଯୋଗ୍ୟ ଓ ଜରୁରୀ। ସହରାଞ୍ଚଳରେ ସରକାର ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଡେଙ୍ଗୁର ଭୟାବହତା ଓ ସଚେତନତା ପାଇଁ ପ୍ରଚାର ଗାଡ଼ି ଠାରୁ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ କ୍ଷେତ୍ରରେ ଜନସାଧାରଣଙ୍କ ସହଯୋଗ ସବୁଠାରୁ ବଡ଼ ଜରୁରୀ।

# ଘଟଗାଁର ବିଜେଡି ଡିଜିଟାଲ୍ ସମ୍ପାଦକ ହେଲେ ମନୋରଂଜନ ଓ ଡିଜିଟାଲ୍ ସହ-ସମ୍ପାଦକ ହେଲେ ଶାନ୍ତନୁ


ମନୋରଞ୍ଜନ ମିଶ୍ର


ଶାନ୍ତନୁ ପଲେଇ

ଘଟଗାଁ (ପିଏନ୍): ଘଟଗାଁ ବ୍ଲକ ତରା ଗ୍ରାମପଂଚାୟତ ବିଜେଡି ନେତା ମନୋରଂଜନ ମିଶ୍ରଙ୍କୁ ବ୍ଲକ ବିଜେଡି ଡିଜିଟାଲ ସମ୍ପାଦକ ଓ ଗଦାଧରପୁର ଗ୍ରାମ ପଂଚାୟତ ବିଜେଡି ନେତା ଶାନ୍ତନୁ ପଲେଇଙ୍କୁ ଡିଜିଟାଲ ସହସମ୍ପାଦକ ଭାବେ ବିଜେଡି ଡିଜିଟାଲ ସମ୍ପାଦକ ବୁବୁ ସିହ୍ନା ନିଯୁକ୍ତ କରିଛନ୍ତି। ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଦଳର ସଂଗଠନକୁ ମଜବୁତ କରିବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ଡିଜିଟାଲ ଉଇଙ୍ଗ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହଂଚି ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଡିଜିଟାଲ ସହ-ସମ୍ପାଦକ ନିଯୁକ୍ତି କରାଯାଇଛି । ଜିଲ୍ଲା ଡିଜିଟାଲ ସମ୍ପାଦକ ବୁବୁ ସିହ୍ନାଙ୍କ ପରାମର୍ଶ ଅନୁସାରେ ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାରଙ୍କ ଅନୁମୋଦନ କ୍ରମେ ବ୍ଲକ ଡିଜିଟାଲ ସମ୍ପାଦକ ଓ ସହସମ୍ପାଦକ ନିଯୁକ୍ତି କରାଯାଇଛି । ଏହାକୁ ନେଇ ନବନିଯୁକ୍ତ ଶ୍ରୀ ମିଶ୍ର ଓ ଶ୍ରୀ ପଲେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ଦଳ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଘଷିପୁରା ବିଜେଡି ଯୁବନେତା ତଥା ରାଜ୍ୟ ଯୁବ ବିଜେଡି ଉପସଭାପତି ରାଜା ଚକ୍ର, ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ଜିଲ୍ଲା ଡିଜିଟାଲ ସମ୍ପାଦକ ବୁବୁ ସିହ୍ନା, ନିର୍ବାଚନ ମଣ୍ଡଳୀର ଡିଜିଟାଲ ସମ୍ପାଦକ ଫକୀର ମୋହନ ସାହୁ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ନିଜର ଦାୟୀତ୍ୱକୁ ସୁଚାରୁରୂପେ ତୁଲାଇବେ ବୋଲି ପ୍ରକାଶ କରିଛନ୍ତି । ଶାନ୍ତନୁ ପଲେଇ ଖୁବ୍ ଶୀଘ୍ର ଘଟଗାଁ ଯୁବ ଜନତା ଦଳର ଡିଜିଟାଲ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେବେ ଏକ କର୍ମଶାଳା ଅନୁଷ୍ଠିତ ପାଇଁ । ଏହି ନିଯୁକ୍ତି ପରେ ତାଙ୍କୁ ଘଷିପୁରାର ଅନେକ ନେତା ଓ କର୍ମୀମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ନୂତନ ବିଇଓଙ୍କୁ ପ୍ରାଥମିକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ସମ୍ବର୍ଦ୍ଧନା

ଘଷିପୁରା (ପିଏନ୍): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଘଷିପୁରା ଶାଖା ତରଫରୁ ଏକ ସମ୍ବର୍ଦ୍ଧନା ସଭା ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ଉକ୍ତ ସଭାରେ ନୂତନ ଭାବେ ଯୋଗ ଦେଇଥିବା ଘଷିପୁରା ବ୍ଲକ ଶିକ୍ଷା ଅଧିକାରୀ ତପୋଧନ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ସହ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବିଇଓ ଉକ୍ତ ସମସ୍ୟା ଗୁଡିକ ଉପରେ ଗୁରୁତ୍ୱ ଦେବାକୁ ପ୍ରକାଶ କରିଥିଲେ । ଉକ୍ତ ସଭାରେ ସଂଘର ସଭାପତି ଗୋବର୍ଦ୍ଧନ ଜେନା,ସମ୍ପାଦକ ରିତ ପାତ୍ର, ଉପସଭାପତି ସମୀରବାଳା ପତି, ପ୍ରତାପ ନାୟକ, ଅଶୋକ କୁମାର ବରାଳ, ଅମ୍ବରିଶ ରାଉତରାୟ, କୋଷାଧକ୍ଷ ସଂଜୀବ ଜେନା, ଉପଦେଷ୍ଟା ଜିତେନ୍ଦ୍ର କୁମାର ସାହୁ, ବସନ୍ତ କୁମାର ସାହୁ, ବିବେକାନନ୍ଦ ସେଠୀ, ଜଗନ୍ନାଥ ସାହୁଙ୍କ ସମେତ ବରିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ ।

# ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସରେ ସର୍ବଭାରତୀୟ ରେକର୍ଡ଼

ଭୁବନେଶ୍ୱର (ପିଏନ୍): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗର୍ଭବତୀ ମହିଳା, ଶିଶୁମାନଙ୍କ ଉନ୍ନତିକଳ୍ପେ ଅନେକ ଲୋକପ୍ରିୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। କିଛି କ୍ଷେତ୍ରରେ କେନ୍ଦ୍ର ସରକାର ବା ଆନ୍ତର୍ଜାତିକ ଅନୁଷ୍ଠାନର ସହଯୋଗ ରହିଥିବାବେଳେ ଅଧିକାଂଶ ପ୍ରକଳ୍ପ ରାଜ୍ୟ ସରକାର ନିଜ ହାତରୁ ବ୍ୟୟ କରୁଛନ୍ତି। ଯାହାଦ୍ୱାରା ଆଜି ସ୍ୱାସ୍ଥ୍ୟସେବା ଆଉ କୌଣସି ସ୍ଥାନରେ ଅପହଞ୍ଚ ହୋଇପାରି ନାହିଁ। କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳ, ଆଦିବାସୀ ଅଧ୍ୟୁସିତ ଅଞ୍ଚଳ, ଦୁର୍ଗମ ଯୋଗାଯୋଗ ବିହୀନ ଉପାନ୍ତ ମୂଳକ ସବୁଠାରେ ସରକାରଙ୍କ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସୁଦୃଢ଼ ହେବା ସହ ଏହାର ଭି□ଭୂମି ମଧ୍ୟ ଅଗ୍ରଗତି କରୁଛି। ସରକାର ରାଜ୍ୟରେ ପ୍ରସୂତୀ ମହିଳା ଓ ଶିଶୁମାନଙ୍କ ଉନ୍ନତି କଳ୍ପେ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ମାଗଣା ଚିକିତ୍ସା, ଆନୁସଙ୍ଗିକ ପରୀକ୍ଷା ଓ ଔଷଧପତ୍ର ପ୍ରଦାନ ସହ, ବିଭିନ୍ନ ଟୀକାକରଣ, ଉନ୍ନତ ଓ ପୁଷ୍ଟିକର ଖାଦ୍ୟ ଯୋଗାଣ ସହ ବିଭିନ୍ନ ଭ□। ପ୍ରଦାନ କରୁଛନ୍ତି ଓ ଏ ନେଇ ସାଧାରଣରେ ସଚେତନତାର ବା□। ମଧ୍ୟ ଦେଉଛନ୍ତି ଯାହାଦ୍ୱାରା ଆଗଭଳି ଜଣେ ପ୍ରସୂତୀ ଯମଯନ୍ତ୍ରଣା ପାଇପାରୁନାହିଁ। ସରକାରୀ ବ୍ୟବସ୍ଥାରେ ଥିବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ସୁଯୋଗ ଓ ସୁବିଧା ତାଙ୍କୁ ଉପଲବ୍ଧ କରାଯାଉଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରକାଶିତ ସୂଚନା ଅନୁଯାୟୀ ଓଡ଼ିଶାରେ ପ୍ରସବ ହାର ଡାକ୍ତରଖାନାରେ ବା ସ୍ୱାସ୍ଥ୍ୟ ଅନୁଷ୍ଠାନରେ ୮୫.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏଠାରେ ସୂଚନାଯୋଗ୍ୟ ୧୯୯୮-୯୯ ଆର୍ଥିକ ବର୍ଷରେ ଏହି ହାର ୨୨.୬ ପ୍ରତିଶତ ଥିଲା। କେବଳ ଏତିକି ନୁହେଁ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ କ୍ଷେତ୍ରରେ ଓଡ଼ିଶାକୁ ସମ୍ମାନଜନକ ଭାବେ ୬୨.୮ ପଏଣ୍ଟ ମିଳିଛି। ଶିଶୁ ଓ ପ୍ରସୂତୀଙ୍କ ପ୍ରସବ କ୍ଷେତ୍ରକୁ ପର୍ଯ୍ୟାଲୋଚନା କରୁଥିବା ଜାତୀୟ ସର୍ଭେର ତଥ୍ୟ ଅନୁଯାୟୀ ଓଡ଼ିଶା ଉପରେ କେବଳ ସିକିମ୍ ରହିଛି। ଏହି ରାଜ୍ୟରେ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ ପଏଣ୍ଟ ୭୩.୨୮ ଅଛି। ଯାହାକି ଜାତୀୟ ସ୍ତରରେ ୪୫.୩ ପଏଣ୍ଟ ପାଇପାରିଛି। ଯାହାଦ୍ୱାରା ବୁଝାଯାଉଛି କି ଯେ, ଓଡ଼ିଶାର ହାର ଜାତୀୟ ହାର ଠାରୁ ଅଧିକ ଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜ ଜନ୍ମମାଟିର ରାଜ୍ୟ କୁହାଯାଉଥିବା ଗୁଜରାଟକୁ ୪୨.୪ ପଏଣ୍ଟ ମିଳିଥିବାବେଳେ ଭାରତର ଆର୍ଥିକ ବିକଶିତ ରାଜ୍ୟ କୁହାଯାଉଥିବା ମହାରାଷ୍ଟ୍ରରେ ଏହା ୩୭.୭, ମଧ୍ୟପ୍ରଦେଶରେ ୬୦.୭ ଓ ବିହାର ୪୯.୨ ପଏଣ୍ଟ ପାଇଛି। ଅନେକ ସମୟରେ ରାଜ୍ୟରେ ପ୍ରସବଜନିତ ମୃତ୍ୟୁ ଓ ଶିଶୁମୃତ୍ୟୁହାରକୁ ନେଇ ଅନେକ ଆଲୋଚନା ତୁମ୍ଫି ତୋଫାନ ହେଉଥିବାବେଳେ ବାସ୍ତବ କଥା ହେଉଛି ମାତୃ ଓ ଶିଶୁମୃତ୍ୟୁହାର ହ୍ରାସ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ମାନଙ୍କ ଠାରୁ ଆଗୁଆ ଭାବେ ଏକ ରେକର୍ଡ଼ କରିଛି। ୨୦୦୦ ମସିହାର ସର୍ଭେ ଦ୍ୱାରା ପ୍ରଦ□ ତଥ୍ୟ ଜଣାଉଛିକି ଯେ ଓଡ଼ିଶାର ଶିଶୁମୃତ୍ୟୁହାର ୯୬ରୁ ୫୬ ପଏଣ୍ଟକୁ ହ୍ରାସ ପାଇଥିଲା। ସେହିପରି ୨୦୧୫-୧୬ ସର୍ଭେରେ ଏହା ୪୦ ପଏଣ୍ଟକୁ କମିଛି। ଯେତେବେଳେ କି ସର୍ବଭାରତୀୟ ସ୍ତରରେ ଏହି ହ୍ରାସ ହାର ୨୭ ପ୍ରତିଶତ ରହିଛି ଓ ଛତିଶଗଡ଼ରେ ୨୫, ଗୁଜରାଟରେ ୨୮, ରାଜସ୍ଥାନରେ ୩୮, ଝାଡ଼ଖଣ୍ଡରେ ୨୬, ମଧ୍ୟପ୍ରଦେଶରେ ୩୬ ଓ ଭାରତର ସବୁଠୁ ବଡ଼ରାଜ୍ୟ ଉ□ରପ୍ରଦେଶରେ ୧୯ ପଏଣ୍ଟ ରହିଛି। ଓଡ଼ିଶାର କ୍ଷେତ୍ରକୁ ଦେଖିଲେ ଜଣାଯାଏକି ଯେ, ୨୦୦୦ ମସିହା ତୁଳନାରେ ଏବେ ଯଦି ହିସାବ କରାଯାଏ ତେବେ ବାର୍ଷିକ ୫୧ ହଜାରରୁ ଅଧିକ ପିଲାଙ୍କ ଜୀବନରକ୍ଷା ହୋଇପାରିଛି। ସେହିପରି ଟୀକାକରଣ କ୍ଷେତ୍ରରେ ମଧ୍ୟ ଓଡ଼ିଶାର ଯଥେଷ୍ଟ ଆଗୁଆ ରାଜ୍ୟ ଭାବେ ପରିଚିତ ହୋଇଛି। ଜାତୀୟସ୍ତରରେ ଟୀକାକରଣ ହାର ୬୨ ପ୍ରତିଶତ ରହିଥିବାବେଳେ ଓଡ଼ିଶାରେ ଏହା ୭୮.୬। ୨୦୦୦ ମସିହାରେ ଓଡ଼ିଶାର ର୍ୟାଙ୍କ ୧୬ ଥିଲା ଏବଂ ପରବ□ୀ ସମୟରେ ଅର୍ଥାତ୍ ୨୦୧୫-୧୬ରେ ଏହା ୫ ହୋଇଛି। ଗୁଜରାଟ, ମହାରାଷ୍ଟ୍ର ଓ ତାମିଲନାଡୁ ଭଳି ରାଜ୍ୟ ବହୁତ ପଛରେ ଅଛନ୍ତି। କେବଳ ସେତିକିନୁହେଁ ସ୍ୱାସ୍ଥ୍ୟ ଭି□ଭୂମି କ୍ଷେତ୍ରରେ ମଧ୍ୟ ବିଗତ ୧୭ବର୍ଷ ମଧ୍ୟରେ ଓଡ଼ିଶା ବେଶ ଆଗକୁ ଯାଇପାରିଛି ବୋଲି ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ସୂଚୀତ କରୁଛି। ଓଡ଼ିଶା ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଇ ଓଡ଼ିଶାରେ ଦୁଇଟି ନୂତନ ମେଡ଼ିକାଲ କଲେଜ ସ୍ଥାପନ ହୋଇଥିବାବେଳେ ୭ଟି ନୂଆ ମେଡ଼ିକାଲ କଲେଜର ପ୍ରତିଷ୍ଠା ପାଇଁ ପ୍ରକଳ୍ପ ରହିଛି। କେବଳ ସେତିକିନୁହେଁ ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ୪୫୦ରୁ ବୃଦ୍ଧି ପାଇ ୮୫୦ରେ ପହଞ୍ଚିଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଚିକିତ୍ସକଙ୍କ ଅଭାବକୁ ଦୃଷ୍ଟିରେ ରଖି ସରକାର ଏମ୍‌ବିବିଏସ୍ ଡାକ୍ତର ୨୫୦୮ଜଣ, ଡେଣ୍ଟାଲ ସର୍ଜନ ୪୦୦ଜଣ ଓ ପାରାମେଡ଼ିକ୍ସ ପଦବୀ ୫୬୧୯ ପଦବୀ ସୃଷ୍ଟି କରିଛନ୍ତି। ଆଦିବାସୀ ବହୁଳ, ଗମନାଗମନ ବିହୀନ, ଅନୁନ୍ନତ ତଥା ଉପାନ୍ତ ଅଞ୍ଚଳ କୁହାଯାଉଥିବା ସ୍ଥାନ, କେବିକେ, କେବିକେପ୍ଲସ ଓ ଟ୍ରାଇବାଲ ସବ୍‌ପ୍ଲାନ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରି ସରକାର ଚିକିତ୍ସକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଉପରୋକ୍ତ ଅଞ୍ଚଳରେ ୨୦୧୫ରୁ ୨୦୧୭ ମଧ୍ୟରେ ଖାଲି ଡାକ୍ତର ପଦବୀ ସଂଖ୍ୟ ୮୧ ପ୍ରତିଶତରୁ ହ୍ରାସ ପାଇଁ ୨୦ ପ୍ରତିଶତରେ ପହଞ୍ଚିଛି। ପ୍ରସୂତୀ ମାନଙ୍କୁ ଉନ୍ନତ ଓ ନିରାପଦ ସ୍ୱାସ୍ଥ୍ୟ ସେବା ସୁଯୋଗ ଯୋଗାଇବା ପାଇଁ ରାଜ୍ୟରେ ୪୭ହଜାର ଆଶାକର୍ମୀ କାର୍ଯ୍ୟ କରୁଛନ୍ତି ଓ ୪୫ ହଜାର ଗାଁରେ ଗାଁ କଲ୍ୟାଣ ସମିତି କାର୍ଯ୍ୟ କରୁଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ବ୍ୟବସ୍ଥାର ପରିବ□ନରେ ଗଣମାଧ୍ୟମର ଭୂମିକା

ଗଣମାଧ୍ୟମକୁ ଇଂରାଜୀରେ (ମାସ୍ ମେଡିଆ) କୁହାଯାଏ। ଏହା ମଧ୍ୟ ଚତୁର୍ଥ ସ୍ତମ୍ଭ ଭାବେ ଅଭିହିତ। ଯେଉଁ ଦେଶରେ ଶକ୍ତିଶାଳୀ ଓ ନିରପେକ୍ଷ ଗଣମାଧ୍ୟମ ନାହିଁ, ସେଠାରେ ଗଣତନ୍ତ୍ର ଠିକ୍ ଭାବେ ଚାଲିପାରିବ ନାହିଁ। ପୂର୍ବରୁ ଗଣମାଧ୍ୟମ କହିଲେ କେବଳ 'ଖବର କାଗଜ (ପ୍ରିଂଟ୍ ମେଡିଆ)'କୁ ବୁଝାଯାଉଥିଲା। ମାତ୍ର ବ□ମାନ ବୈଦ୍ୟୁତିକ ମାଧ୍ୟମ (ଇଲେକ୍ଟ୍ରୋନିକ୍ସ ମିଡିଆ) ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଓ ଚତୁର୍ଥସ୍ତମ୍ଭର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି। ବିଶେଷ ଭାବରେ ଚତୁର୍ଥ ସ୍ତମ୍ଭର କାର୍ଯ୍ୟ ହେଉଛି ଗଣତନ୍ତ୍ରକୁ ଠିକ୍ ଭାବେ ରଖିବା। ଏହାକୁ ବାଟବଣା ହେବାକୁ ନଦେବା । କେଉଁଠାରେ ବ୍ୟତିକ୍ରମ ଦେଖାଦେଲେ ତାହାକୁ ଜନସମ୍ମୁଖକୁ ଆଣି ଏହା ବିରୁଦ୍ଧରେ ବ୍ୟାପକ ଜନମତ ସୃଷ୍ଟି କରିବା। ବିଦେଶରେ ତଥା ଆମେରିକା ଓ ଇଂଲଣ୍ଡ ଭଳି ପରିପକ୍ୱ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ସୋପାନ ଲାଭ କରିବା ସମ୍ଭବପର ହୋଇଛି କେବଳ ଗଣମାଧ୍ୟମ ସଚେତନ ଓ ପାରଦର୍ଶିତା ଯୋଗୁଁ। ସେ ଦେଶରେ ଥିବା ନିରପେକ୍ଷ ଓ ଶକ୍ତିଶାଳୀ ଗଣମାଧ୍ୟମ ଜାଗ୍ରତ ପ୍ରହରୀର କାର୍ଯ୍ୟକରି ଆସୁଛି । ଆପଣମାନେ ଜାଣି ଖୁସି ହେବେ ସେ ଦେଶରେ ରାଜନେତାଙ୍କ ବିରୁଦ୍ଧରେ ସାମାନ୍ୟତମ ଅଭିଯୋଗ ଆସିଲେ ତା'ର କ୍ଷମତା ବଳୟକୁ ରାହୁଗ୍ରାସ କରିଥାଏ, ଅର୍ଥାତ୍ ତାକୁ କ୍ଷମତା ହରାଇବାକୁ ପଡ଼ିଥାଏ । କାରଣ ତାକୁ ଗାଦିଚ୍ୟୁତ ନ କରିବା ପର୍ଯ୍ୟନ୍ତ ଗଣମାଧ୍ୟମ ତା' ପିଚ୍ଛା ଛାଡ଼ି ନ ଥାଏ ।

ଭାରତବର୍ଷ ଦେଶର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର, କିନ୍ତୁ ଆଜି ଏ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଘୋର ବିପଦର ସମ୍ମୁଖୀନ । ଦେଶରେ କ୍ରମବର୍ଦ୍ଧିଷ୍ଣୁ ଭ୍ରଷ୍ଟାଚାର ଏହାର ମୂଳଦୁଆକୁ ଦୁର୍ବଳ କରିସାରିଲାଣି । ଏଥିଯୋଗୁଁ ଏହାର ସମସ୍ତ ଖମ୍ବ କେବଳ ଦୁର୍ବଳ ହେବାରେ ଲାଗିଛି । ଜନପ୍ରତିନିଧିମାନଙ୍କର କଥନୀ ଓ କରଣିରେ ଭିନ୍ନତା ଦେଖାଦେଇଛି । ଯେଉଁଠାରେ ଶାସକ ଭ୍ରଷ୍ଟ ହେବେ ସେଠାରେ କର୍ମଚାରୀ ଭ୍ରଷ୍ଟ ନହୋଇ ରହିବେ କିପରି ? ଏ ସୁଯୋଗ ପାଇ ସାଧାରଣ ଲୋକ ତଥା ଆମ ମିଡିଆର ଭାଇମାନେ ମଧ୍ୟ ଊଣାଅଧିକେ ଏହାସହିତ ସାମିଲ ହୋଇଯାଉଛନ୍ତି। ସମୟରେ ପଡ଼ିବା ସହ ବାଧହୋଇ ଏମାନେ ଭ୍ରଷ୍ଟାଚାରୀର ହାତବାରିସୀ ହୋଇ ଭ୍ରଷ୍ଟାଚାରକୁ ଦେଖି ନଦେଖିବା ପରି ଅଭିନୟ କରୁଛନ୍ତି । ବ□ମାନ ଆମ ଦେଶର ସମସ୍ତେ ଭ୍ରଷ୍ଟାଚାର ରୂପକ ଅକ୍ଟୋପାଶ୍ କବଳରେ ପଡ଼ିଛନ୍ତି । ଆମ ଗଣମାଧ୍ୟମର ଭାଇମାନେ ମଧ୍ୟ ଏଥିରେ ସଂଶ୍ଳିଷ୍ଟ, ତେବେ ଗଣତନ୍ତ୍ର ସୁରକ୍ଷା ଦାୟିତ୍ୱ ନେବ କିଏ ? ଏହା ସମସ୍ତଙ୍କୁ ଭଲଭାବେ ଜଣା ଯେଉଁଦିନ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ଭୁଷୁଡ଼ି ପଡ଼ିବ ସେହିଦିନ ଗଣତନ୍ତ୍ର ମଧ୍ୟ ଭୁଷୁଡ଼ି ପଡ଼ିବ। ତେଣୁ ଗଣତନ୍ତ୍ରର ସୁରକ୍ଷା ପାଇଁ ମାସ୍ ମିଡିଆକୁ ସଜବାଜ ହେବାକୁ ପଡ଼ିବା ସହ ସଦାସର୍ବଦା ଜାଗ୍ରତ ହୋଇ ରହିବାକୁ ପଡ଼ିବ । ଗଣତନ୍ତ୍ରର ବିଫଳତାରେ ଏକ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା ହୋଇ ଦେଶରେ ଅରାଜକତା ମାଡ଼ି ଚାଲିବ । ବ୍ୟକ୍ତିର ସ୍ୱାଧୀନତା ଚାଲିଯିବା ସହ ସର୍ବତ୍ର ଅଶାନ୍ତି ପରିବେଶ ଦେଖାଦେବ । ଏପରି ଅବସ୍ଥାରୁ ଗଣତନ୍ତ୍ରକୁ ପୁନର୍ବାର ଗଣତନ୍ତ୍ର ମାର୍ଗରେ ଫେରାଇ ଆଣିବା ଅତ୍ୟନ୍ତ କଠିନ୍ ହେବ । ସ୍ୱାଧୀନତା ପରଠାରୁ ଆମ ଗଣମାଧ୍ୟମ ନିଜକୁ ଅତ୍ୟନ୍ତ ସଂଯତ ରଖିବା ସହ ଭ୍ରଷ୍ଟ ରାଜନେତା ଓ ପ୍ରଶାସକଙ୍କ ସ୍ତରକୁ ଯାଇନାହାନ୍ତି, ସେମାନେ ନିଜର ପଦର ଗାରିମା ବଜାୟ ରଖିଛନ୍ତି । ସମୟର ଚକ୍ରରେ ପଡ଼ି କେଉଁଠାରେ କାଁ ଭାଁ ଯାହାକି ଅନୈତିକ କାର୍ଯ୍ୟ କରିଛନ୍ତି ତାହା ମଧ୍ୟ ବାଧ ବାଧକତାରେ କରିଛନ୍ତି । ତେଣୁ ଗଣମାଧ୍ୟମ ନିକଟରେ ଏବେବି ସେ କ୍ଷମତା ଅଛି ନିଜର କଲମ ମୁନରେ ସେମାନେ ଗଣତନ୍ତ୍ରକୁ ସଠିକ୍ ଭାବରେ ଆଣି ଏକ ଉ□ମ ଗଣତନ୍ତ୍ର ପ୍ରତିଷ୍ଠା କରିବା ।

ଗଣମାଧ୍ୟମକୁ ଜନସାଧାରଣଙ୍କ ମୁଖପତ୍ର ବୋଲି କୁହାଯାଏ । ତେଣୁ ଏହା ହେଉଛି ଜନତାଙ୍କ ସ୍ୱର । ଜନତାଙ୍କ ସ୍ୱରକୁ ଶାଣିତ କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେଉଁଦିନ ଗଣମାଧ୍ୟମଙ୍କ କଲମ ଓ ସ୍ୱର ଦିଗଭ୍ରଷ୍ଟ ହେବ, ସେହିଦିନ ଜନସାଧାରଣ ମଧ୍ୟ ଦିଗଭ୍ରଷ୍ଟ ହୋଇଯିବେ । ଗଣତନ୍ତ୍ରର ସୁରକ୍ଷା ଉଦ୍ଦେଶ୍ୟରେ ଭ୍ରଷ୍ଟାଚାର ବିରୁଦ୍ଧରେ ଲଢ଼ିବା ପାଇଁ ଜନସାଧାରଣଙ୍କୁ ମାନସିକ ଭାବେ ପ୍ରସ୍ତୁତ କରିବା ଦିଗରେ ମାସ୍ ମିଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ବ□ମାନ କେତେକ ଖବରକାଗଜ ଓ ଦୂରଦର୍ଶନର ଚାନେଲ୍ କେତେକ ରାଜନେତାଙ୍କ ହାତବାରିସୀ ହେବା ସହ କ୍ଷମତାଲିପ୍ସୁ ହୋଇ ନିଜର ନୈତିକତାର ପତନ ଘଟାଇଲେଣି । ଅନ୍ୟାୟ ସଦାସର୍ବଦା ଅନ୍ୟାୟ ଏହା ବିରୁଦ୍ଧରେ ସ୍ୱର ଉ□ୋଳନ କରିବା ଗଣମାଧ୍ୟମର କ□ବ୍ୟ ଯେଉଁମାନେ ନିଜର କ□ବ୍ୟକୁ ଠିକ୍ ଭାବରେ ପରିଚାଳିତ ନକରି ପାରୁଛନ୍ତି, ସେମାନେ ସ୍ୱତନ୍ତ୍ରଭାବେ ଏ ବୃ□ିରୁ ଦୂରେଇ ଯିବା ଦରକାର । କାରଣ ଏ ବୃ□ିକୁ କଳଙ୍କିତ କରିବାର ଅଧିକାର ଜନସାଧାରଣ ସେମାନଙ୍କୁ ଦେଇନାହାନ୍ତି । ବ□ମାନ ପରିସ୍ଥିତିରେ ଗଣମାଧ୍ୟମ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଗଣତନ୍ତ୍ରରେ ହେଉଥିବା ବିଭିନ୍ନ ସ୍ତରରେ ଭ୍ରଷ୍ଟାଚାରକୁ ଗଣ ନିକଟରେ ପହଁଚାଇ ବିପୁଳ ଜନଜାଗରଣ ସୃଷ୍ଟି କରିବା ସହ ଏକ ଉ□ମ ଗଣତନ୍ତ୍ର ପ୍ରତିଷ୍ଠା କରିପାରିଲେ ଆମ ଦେଶ ତଥା ରାଜ୍ୟ ନିଶ୍ଚିତ ଭାବରେ ବିଶ୍ୱରେ ଏକ ମହାନ ରାଷ୍ଟ୍ରଭାବେ ପରିଗଣିତ ହେବା ସହ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ସମସ୍ତ ଜନତା ଜନାର୍ଦ୍ଦନଙ୍କର ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିବ ।

# ପାୟୋ।ନିୟର ସମ୍ପାଦକ ଡ଼. ଚନ୍ଦନ ମିତ୍ରଙ୍କ ବିୟୋ।ଗରେ ଇଣ୍ଡିଆ।ନ ମିଡିଆ। ସେଣ୍ଟର ପକ୍ଷରୁ ଶୋ।କ



ବ୍ରହ୍ମପୁର (ପିଏନ୍): ପାୟୋ।ନିୟର ସମ୍ପାଦକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଡକ୍ଟର ଚନ୍ଦନ ମିତ୍ରଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋ।କ ଘଟିଛି। ସେ ପାୟୋ।ନିୟର ସମ୍ପାଦକ ଭାବେ କାର୍ଯ୍ୟ କରି ଭାରତୀୟ ସାମ୍ବାଦିକତା କ୍ଷେତ୍ରରେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଥିଲେ। ସାମ୍ବାଦିକତାର କଳୁଷିତାକୁ ଦୂର କରିବା ପାଇଁ ଇଣ୍ଡିଆ।ନ ମିଡିଆ। ସେଣ୍ଟର ନାମକ ଏକ ସଂଗଠନ ଗଠନ କରି ତାର ବହୁଦିନ ଧରି ସଭାପତି ରହିଥିଲେ। ତାଙ୍କ ବିୟୋ।ଗରେ ଇଣ୍ଡିଆ।ନ ମିଡିଆ। ସେଣ୍ଟରର ପୂର୍ବତନ ଗଭର୍ଣ୍ଣି ବଡ଼ି ସଦସ୍ୟ ତଥା ନବୀନର ସମ୍ପାଦକ ରବି ରଥ ଗଭୀର ଶୋ।କ ପ୍ରକାଶ କରି ତାଙ୍କ ଶୋ।କସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

# କେନ୍ଦ୍ରାପଡା ଜିଲ୍ଲାରେ ୨୮କରୋନା ପଜିଟିଭ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଗତ ବୁଧବାର ଦିନ ୨୮ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ଜଣେ କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶ ବ୍ଲକରେ ୪ଜଣ, ଗରଦପୁର ବ୍ଲକରେ ୩ଜଣ, କେନ୍ଦ୍ରାପଡା ବ୍ଲକରେ ୮ଜଣ, ମହାକାଳପଡା ବ୍ଲକରେ ୫ଜଣ, ମାର୍ଶାଘାଇ ବ୍ଲକରେ ଜଣେ, ପଟ୍ଟାମୁଣ୍ଡାଇ ବ୍ଲକରେ ୫ଜଣ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ଜଣେ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday September 03, 2021 ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୦୩,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମୁଖ୍ୟମନ୍ତ୍ରୀ ନିଲମ୍ବିତ ନକଲେ ଓଡ଼ିଶା ଲୋକ ତାର ଜବାବ ଦେବେ

ଭୁବନେଶ୍ୱର : ମାହାଙ୍ଗା ରାଜନୈତିକ ହତ୍ୟାକାଣ୍ଡ ତା ୨.୦୧.୨୦୨୧ ରେ ସଂଗଠିତ ହୋଇଥିଲା। ନୃତାଙ୍ଗ ଗ୍ରାମର ଶ୍ରୀ କୁଳମଣି ବରାଳ ଏବଂ ଦିବ୍ୟସିଂହ ବରାଳଙ୍କୁ ଯୋଜନାବଦ୍ଧ ଭାବରେ ହତ୍ୟା କରାଗଲା। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ଡ. ଦେବାଶିଷ ପଟ୍ଟନାୟକ କହିଥିଲେ ଏହି ହତ୍ୟାରେ ୧୪ଜଣଙ୍କ ନାମରେ ଏଫଆଇଆର ଥିଲେ ମଧ୍ୟ ୧୩ ଜଣଙ୍କର ନାମ ଚାର୍ଜସିଟ୍‌ରେ ସ୍ଥାନ ପାଇଥିଲେ ମଧ୍ୟ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଏବଂ ଆରୋପୀ ମାନ୍ୟବର ମନ୍ତ୍ରୀ ପ୍ରତାପ ଜେନାଙ୍କୁ ପୋଲିସ ଚାର୍ଜସିଟ୍‌ରୁ କାଟିଦେଇଥିଲା। ଫଳରେ ଏଫଆଇଆର ଦେଇଥିବା ରମାକାନ୍ତ ବରାଳ ଯିଏକି କୁଳମଣି ବରାଳଙ୍କ ପୁଅ ସେ ୧୬.୮.୨୦୨୧ ରେ ମାନ୍ୟବର ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ସାଲେପୁରଙ୍କ ଅଦାଲତରେ ଏକ ପ୍ରୋଟେଷ୍ଟ ପିଟିସନ ଦାୟର କଲେ। ମାନ୍ୟବର ଅଦାଲତ ୨୫.୮.୨୦୨୧ରିଖ ଦିନ ଆଦେଶ ପ୍ରଦାନ କଲେ ଏହି ହତ୍ୟାକାଣ୍ଡରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ବାଦ ଦିଆଯାଇଥିବାରୁ ପୁନଃ ତଦନ୍ତ କରିବା ପାଇଁ ଭାରପ୍ରାପ୍ତ ଥାନା ଅଧିକାରୀ ମାହାଙ୍ଗା ଥାନାଙ୍କୁ ନିର୍ଦ୍ଦେଶ ଦେଲେ। ଉଲ୍ଲେଖ୍ୟ ଯୋଗ୍ୟକି ୨୮.୦୨.୨୦୧୪ରେ ବାସୁଦେବପୁର ଗ୍ରାମପଂଚାୟତର ଦୀପ୍ତିରନ ସାହୁଙ୍କ ମୃତ୍ୟୁ ଏବଂ ୧୩.୧୨.୨୦୧୮ ରେ ନୃତାଙ୍ଗ ଗ୍ରାମପଂଚାୟତର ବିକାଶ ଜେନାଙ୍କ ହତ୍ୟା ଘଟଣାରେ ମାନ୍ୟବର ମନ୍ତ୍ରୀଙ୍କର ସଂପୃକ୍ତି ତଥା ତାଙ୍କ ତାଙ୍କ ନିଜ ଲୋକମାନଙ୍କର ସଂପୃକ୍ତି ଅଛି ବୋଲି ଲୋକମାନଙ୍କ ଦ୍ୱାରା ବହୁଳ ଭାବରେ ଆଦୃତ ହୋଇଛି। ମାତ୍ର ସେଭଳି ତଦନ୍ତ ହୋଇପାରି ନାହିଁ। ଜଣେ ଯଦି ମନ୍ତ୍ରୀ ରୁହେ ଏବଂ ସରକାରଙ୍କ ଅଂଶବିଶେଷ ହୁଏ ଆଇନ, ପଂଚାୟତ ରାଜ ଏବଂ ନଗର ଉନ୍ନୟନ ଭଳି ବିଭାଗର ସର୍ବେସର୍ବା ଥାଏ ତେବେ କିଭଳି ସରକାରଙ୍କର ଗୋଟେ ଅଧସ୍ତନ ପୋଲିସ ମନ୍ତ୍ରୀଙ୍କୁ ଯେରା କରିବ। ଏଭଳି ସଂଗୀନ ଅପରାଧର ଆରୋପି ଯଦି ମନ୍ତ୍ରୀ ହୋଇଥାଏ ତାହାହେଲ ସ୍ୱଚ୍ଛତା ଏବଂ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦେଇଦେବା କଥା। କିନ୍ତୁ ଇସ୍ତଫା ନଦଇେ ମନ୍ତ୍ରୀ ପ୍ରମାଣ କରିଛନ୍ତି ଯେ ସେ ଏ ହତ୍ୟାକାଣ୍ଡର ସଂପୃକ୍ତ ଅଛନ୍ତି। ଯଦି ଇସ୍ତଫା ଦେବେ ତାହାହେଲେ ତାଙ୍କ ଜୀବନ ଜେଲରେ କଟିପାରେ। ମାନ୍ୟବର ମୁଖ୍ୟମନ୍ତ୍ରୀ ଏ ଘଟଣାରେ କାହିଁକି ଚୁପ ବସିଛନ୍ତି ତାହା ମଧ୍ୟ ବୁଝାପଡୁନାହିଁ। ଏହା କ'ଣ ମୋ ସରକାର। ମୁଖ୍ୟମନ୍ତ୍ରୀ ମହାଶୟ ତାଙ୍କୁ ବହିଷ୍କାର କରିଦେବା କଥା। ମାତ୍ର ତାହା କରିନାହାନ୍ତି। ମୁଖ୍ୟମନ୍ତ୍ରୀ ମହାଶୟ ପଂଚମ ପାଳିରେ କ'ଣ ବହୁ ଦୁର୍ବଳ ହୋଇଯାଇଛନ୍ତି। ପୋଲିସ ମହା ନିର୍ଦ୍ଦେଶକ ଏ ଘଟଣାକୁ କାହିଁକି ଗୁରୁତ୍ୱର ସହ କାହିଁକି ନେଇନାହାନ୍ତି ଏବଂ କାହା ସ୍ୱାର୍ଥରେ। ଘରୋଇ ବିଭାଗ ସଚିବଙ୍କର କ'ଣ କିଛି ସାମ୍ବିଧାନିକ ଦାୟୀତ୍ୱ ନାହିଁ। ଆଗରୁ ଯଦି କୌଣସି ମନ୍ତ୍ରୀ ଏବଂ ବିଧାୟକ କିଛି ଭୁଲ କରୁଥିଲେ ତେବେ ତତ୍‌କ୍ଷଣାତ ତାଙ୍କ ଉପରେ ନବୀନ ବାବୁଙ୍କ ସରକାର କାର୍ଯ୍ୟକ୍ରମ କରୁଥିଲେ। ବର୍ତ୍ତମାନ ପ୍ରତାପ ବାବୁଙ୍କ କ୍ଷେତ୍ରରେ ସେ ଆଇନ ଓ ସମ୍ବିଧାନ ଠାରୁ ଉର୍ଦ୍ଧ୍ୱରେ ବୋଲି ବିଜେଡ଼ି ବିଚାର କରୁଛିକି, ସରକାର ବିଚାର କରୁଛିକି, ପ୍ରଶାସନ ବିଚାର କରୁଛିକି ଯଦି ଏହାଯଦି ହୁଏ ତେବେ ଓଡ଼ିଶାର ଜନସାଧାରଣ କେବେ ବି ଏ ସରକାରକୁ କ୍ଷମା ଦେବେ ନାହିଁ ବୋଲି ଡ. ପଟ୍ଟନାୟକ କହିଥିଲେ। ତେଣୁ ମାନ୍ୟବର ରାଜ୍ୟପାଳଙ୍କର ମଧ୍ୟ ଦାୟୀତ୍ୱ ଏବଂ କର୍ତବ୍ୟ ଯେତେବେଳେ ନିର୍ବାଚିତ ସରକାର ନିଜର ଗତିପଥ ଏବଂ ଦାୟିତ୍ୱ ନିର୍ବାହ ନକରେ ତେବେ ରାଜ୍ୟପାଳ ଚୁପ ନରହି ଏ କ୍ଷେତ୍ରରେ ସରକାର ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବହିଷ୍କାର କରିବା ପାଇଁ ସୁପାରିଶ କରିବା କ'ଣ ଉଚିତ ନୁହେଁ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଡ. ଦେବାଶିଷ ପଟ୍ଟନାୟକଙ୍କ ସହିତ ମୁଖପାତ୍ର ଶ୍ରୀ ମନୋରନ ଦାଶ ଉପସ୍ଥିତ ଥିଲେ।




### ୩ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

ଖଣ୍ଡପଡ଼ା:ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ରାଜୁ ନାହାକ, ପଚାଂନନ ମାଟି, କୃଷ୍ଣ ନାଏକ ପ୍ରମୁଖ ୩ଜଣ ଭିନ୍ନକ୍ଷମଙ୍କୁ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଗୁରୁବାର ଅପରାହ୍ନରେ ଟ୍ରାଇ ସାଇକେଲ ବଂଟନ କରିଥିବା ଜଣାଯାଇଛି।

### ଗ୍ୟାସ ସିଲିଣ୍ଡର ଦରବୃଦ୍ଧିକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା: ପୁନର୍ବାର ଗ୍ୟାସ ସିଲିଣ୍ଡର ଦରବୃଦ୍ଧିକୁ ନେଇ ଖଣ୍ଡପଡା ଅଂଚଳର ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କରୋନା କାଳରେ ହଜାରହଜାର ଜନସାଧାରଣ କାମଧନ୍ଦା ଅଭାବରୁ ଘରେ ହାତ ବାନ୍ଧି ବସିଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀଗୁଡିକର ଅହେତୁକ ଦରବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ବିଶେଷ କରି ଉଜ୍ୱଳା ଯୋଜନାରେ ଗ୍ୟାସ ବ୍ୟବହାର କରୁଥିବା ଉପଭୋକ୍ତାମାନେ ସିଲିଣ୍ଡର ଦରବୃଦ୍ଧି ପରେ ଅସୁବିଧାର ସମ୍ମୁଖିନ ହୋଇଥିବା ଜଣାପଡିଛି। ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗ୍ୟାସ ସିଲିଣ୍ଡର ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକର ଦରଦାମ ନିୟନ୍ତ୍ରଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସ୍ୱର୍ଗତ ବ୍ରଜମୋହନ ସାମଲଙ୍କ ବିୟୋଗରେ ବଡଚଣାର ବିଭିନ୍ନ ମହଲରେ ଶୋକ

ଚଣ୍ଡିଖୋଲ: ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ବ୍ରଜମୋହନ ସାମଲଙ୍କ ବିୟୋଗରେ ବଡଚଣାର ବଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି .ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି.ପୂର୍ବତନ ପଂଚାୟତସମିତି ଅଧକ୍ଷ ପ୍ରଭାକର ଶତପଥି ,ନିରଞ୍ଜନ ସାହୁ ,ହରିଶ୍ଚନ୍ଦ୍ର ପ୍ରଧାନ ,ପ୍ରହଲ୍ଲାଦ ନନ୍ଦ ,କ୍ୟାପଟେନ ରଜନାରାୟଣ ମହାପାତ୍ର ,ଶିକ୍ଷାବିତ ବିନାୟକ ନାୟକ ,ବୀରକିଶୋର ପ୍ରଧାନ ,ପ୍ରଦୀପ୍ତ ପ୍ରଧାନ ,ବସନ୍ତ କୁମାର ନାୟକ ,ନରୋତ୍ତମ ଶତପଥି ,ଦୁଃଖିଶ୍ୟାମ ସାହୁ ,ଯୋଗେନ୍ଦ୍ର ନାୟକ ,ନିରଞ୍ଜନ ଦଳାଇ,ଶରତ ଚନ୍ଦ୍ର ଜେନା ,ବିଜୟ ବ୍ରହ୍ମ,ଖିରୋଦ ମାହାଲା,ଶିବରାମ ସାହୁ ,ଆଇନଜୀବୀ ଉଦୟନାଥ ସାହୁ ,ଦେବରାଜ ବେହେରା ,ଆଶିଷ କୁମାର ମହାପାତ୍ର ,ପ୍ରକାଶ ଚନ୍ଦ୍ର ଦାସ ,ପ୍ରେସ କ୍ଲବ ଚଣ୍ଡିଖୋଲ ର ସଭାପତି ପ୍ରଦୀପ୍ତ କୁମାର ପରିଡା ,ସମ୍ପାଦକ ଦିଲୀପ କୁମାର ମହାନ୍ତି ,ପ୍ରସନ୍ନ ବିଶ୍ୱାଳ ,ହେମେଶ ଜେନା ,ଭାରତ ଭୂଷଣ ପଣ୍ଡା ,ପ୍ରଶାନ୍ତ ଜେନା ,ସୁରେନ୍ଦ୍ର ସାମଲ ,ଜନାର୍ଦ୍ଦନ ରାଉତ ରାୟ,ଚାରଣ ଉଦୟନାଥ ସାହୁ ,ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶେଷଦେବ ନାୟକ , ଚିତ୍ତରଞ୍ଜନ ମହାପାତ୍ର ,ହେମନ୍ତ ସାମଲ ,ଯାଜପୁର ଜିଲ୍ଲା କଂଗ୍ରେସ କୃଷକ ମୋର୍ଚ୍ଚା ସଭାପତି ବିଜୟ କୁମାର ସ୍ୱାଇଁ ,ସମାଜସେବୀ ବ୍ରଜକିଶୋର ଜେନା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ,ତାଙ୍କ ବିୟୋଗରେ ବଡ଼ଚଣା ଜଣେ ଲଢୁଆ ପୁଅକୁ ହରାଇଲା ବୋଲି ଶୋକବ୍ୟକ୍ତ ବ୍ୟକ୍ତିମାନେ କହିଛନ୍ତି .ପ୍ରକାଶଥାଉକି ସ୍ୱର୍ଗତ ସାମଲ ଛାତ୍ର ଜୀବନପରେ ରାଜନେତା ଭାବେ କଂଗ୍ରେସ ଦଳରେ ସାମିଲ ହେଇଥିଲେ .ତାଙ୍କର ବିଚକ୍ଷଣ ବୁଦ୍ଧି ଯୋଗୁ ବଡ଼ଚଣା ବ୍ଲକ ଯୁବ କଂଗ୍ରେସ ର ସଭାପତି ପଦ ଗ୍ରହଣ କରି ସଙ୍ଗଠନକୁ ମଜବୁତ କରିଥିଲେ.୧୯୭୪ -୭୫ ରେ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥି ଙ୍କ ସମୟରେ ଶ୍ରମିକ ନେତା ଭାବେ ପାରାଦୀପ ଶିଳ୍ପାଞ୍ଚଳ ,ଚୋ?ଦ୍ୱାରର ଶିଳ୍ପାଞ୍ଚଳ ,ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସମେତ କେତେକ ଶିଳ୍ପାଂଚଳରେ ଶ୍ରମିକ ମାନଙ୍କର ସ୍ୱାର୍ଥ ପାଇଁ ସେ ଶ୍ରମିକ ନେତା ଭାବେ ଲଢୁଥିଲେ .ଧାନମଣ୍ଡଳ କୋଣାର୍କ ଝୋଟକଳ ର ଶ୍ରମିକ ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରି ଶ୍ରମିକ ମାନଙ୍କର ସ୍ୱାର୍ଥ ପାଇଁ ସେ ସମୟର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟନାୟକ ,ମନ୍ତ୍ରୀ କାହ୍ନୁ ଚାରଣ ଲେଙ୍କା ଙ୍କ ନିକଟରେ ଶ୍ରମିକ ମାଙ୍କର ଦାବି ଉପସ୍ଥାନ କରି ସେମାନଙ୍କର ବହୁ ଉପକାର କରି ବଡଚଣାରେ ଜନାଦୃତ ହେଇପାରିଥିଲେ।

## ଖଣ୍ଡପଡାରେ ପ୍ରତିଷ୍ଠା ହେବ ବିଦ୍ୟୁତ ଗ୍ରୀଡ : ୧୫ ଏକର ସରକାରୀ ଜାଗା ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଖଣ୍ଡପଡ଼ା : ଖଣ୍ଡପଡା, ଭାପୁର, ଗଣିଆ ପ୍ରଭୃତି ୩ଟି ବ୍ଲକ ଅଂଚଳର ଜନସାଧାରଣଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇଦେବା ନିମନ୍ତେ ଖଣ୍ଡପଡା ଠାରେ ପ୍ରତିଷ୍ଠା ହେବ ବିଦ୍ୟୁତ ଗ୍ରୀଡ। ଏଥି ନିମନ୍ତେ ଆବଶ୍ୟକୀୟ ୧୫ ଏକର ସରକାରୀ ଜାଗା ଯୋଗାଇଦେବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନୟାଗଡ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଆସନ୍ତା ୨ ମାସ ମଧ୍ୟରେ ସରକାରୀ ଜାଗା ଚିହ୍ନଟ କରି ଓପିଟିସିଏଲ କର୍ତୃପକ୍ଷଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ରହିଛି। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ଖଣ୍ଡପଡା ଠାରେ ୨୨୦/୩୩ କେଭି ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ହେବାକୁ ଯାଉଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ନୂତନ ଆଶା ସଂଚାର ହୋଇଛି। ପ୍ରକାଶଥାଉକି ଖଣ୍ଡପଡାରେ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ଗତ ୨୦୧୮ ମସିହାରେ ୫୭ କୋଟି ଟଙ୍କା ମଂଜୁର କରିଥିଲେ। ମାତ୍ର ଜିଲ୍ଲା ପ୍ରଶାସନର ଉଦାସୀନତା ସାଙ୍ଗକୁ ଖଣ୍ଡପଡା ତହସିଲ କର୍ତୃପକ୍ଷଙ୍କ ସ୍ଥାଣୁତା ଯୋଗୁଁ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ନିମନ୍ତେ ନିକଟସ୍ଥ କଇଁଥପଲ୍ଲୀ ମୌଜାରେ ସରକାରୀ ଜାଗା ଚିହ୍ନଟ ସତ୍ୱେ ଜମି ଅଧିଗ୍ରହଣ ହୋଇନପାରିବାରୁ ବିଦ୍ୟୁତ ଗ୍ରୀଡ ସ୍ଥାପନ ନିମନ୍ତେ ସମସ୍ୟା ସୃଷ୍ଟି ହୋଇଥିଲା। ତେବେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ, ଲୋ-ଭୋଲଟେଜ ସମସ୍ୟାକୁ ନେଇ ୩ଟି ବ୍ଲକ ଅଂଚଳର ବିଦ୍ୟୁତ ଉପଭୋକ୍ତାମାନେ ବିଶେଷ ଅସୁବିଧାର ସମ୍ମୁଖିନ ହେବା ପରେ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଭାରତୀୟ ବିକାଶ ପରିଷଦର ସଦସ୍ୟମାନେ ଖଣ୍ଡପଡା ବିଦ୍ୟୁତ ବିତରକ କମ୍ପାନୀ(ଟିପିସିଓଡିଏଲ) କାର୍ଯ୍ୟାଳୟ ସମ୍ମୁଖରେ ଗତ ଜୁନ ମାସରେ ୨୮ ଦିନ ଧରି ଧାରଣା ଦେଇଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଧ୍ୟାନ ନଦେଇ ନୀରବଦ୍ରଷ୍ଟା ସାଜିବାରୁ ଏହାର ପ୍ରତିବାଦରେ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଓ ଖଣ୍ଡପଡା ବ୍ଲକ ସଭାପତି ନିରଜଂନ ଦାସ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏ ନେଇ ଏକ ରିଟ ପିଟିସନ ଦାୟର କରିଥିଲେ। ମାନ୍ୟବର ଜଷ୍ଟିସ କେ ଆର ମହାପାତ୍ର ଉପରୋକ୍ତ ମାମାଲାର ଶୁଣାଣି କରି ଏ ସଂପର୍କରେ ନିର୍ଦ୍ଦେଶନାମା ଜାରି କରିଥିବା ଜଣାଯାଇଛି। ଉକ୍ତ ମାମଲାଟିକୁ ଆଇନଜୀବି ସରୋଜ କୁମାର ପାଢୀ ପରିଚାଳନା କରୁଥିଲେ। ଖଣ୍ଡପଡାରେ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ନେଇ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଅଂଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ବାଲିଅନ୍ତା: ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମପଂଚାୟତ ନାଗପୁର ଗ୍ରାମର ମା ପଂଚମୁଖୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ପରିବେଶ ଭିତିକ ସାମାଜିକ ଅନୁଷ୍ଠାନ ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଡେଙ୍ଗୁ ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲକାଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡକ୍ଟର ମାନବ ମଧୁଜିତ୍ ଯୋଗ ଥିଲେ। ଟ୍ରଷ୍ଟର ମୁଖ୍ୟ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ସଭାପତିତ୍ୱ କରିଥିଲେ। ଆଖ ପାଖ ଅଂଚଳର ଶତାଧିକ ପୁରୁଷ ମହିଳାମାନଙ୍କୁ ନେଇ ଡେଙ୍ଗୁ ସଚେତନତା କରିବା ସହ ଘର ଚାରି ପାଖରେ ଥିବା ଖାଲ ଖମା, ଅଦରକାରୀ ପାତ୍ରରେ ପାଣି ଜମା ହେତୁ ଡେଙ୍ଗୁ ମଶା ସେଥିରେ ଅଣ୍ଡା ଦେଇ ବଂଶ ବିସ୍ତର କରିଥାନ୍ତି। ଏହି ମଶାର ନାମ ରେଡିସ୍ ଅଟେ ଏହା ଅପରାହ୍ନ ସମୟରେ କାମୁଡି ଥାଏ। ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ରୋଗୀ ଠାରୁ ମଶା ରକ୍ତ ପିଇ ସୁସ୍ଥ ଲୋକକୁ କାମୁଡିଲେ ସୁସ୍ଥ ଲୋକ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥାଏ। ଏହି ଜ୍ୱର ଛୋଟ ପିଲାମାନଙ୍କୁ ଅଧିକ ହୋଇଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ଘରେ ଶୋଇବା ସମୟରେ ମଶାରୀ ବ୍ୟବହାର କରିବା ସାଧାରଣ ଲୋକ ପ୍ରତିଦିନ ଭଣ୍ଡା ଖାଦ୍ୟରେ ଗ୍ରହଣ କଲେ ଜ୍ୱର ହୋଇନଥାଏ ବୋଲି ଡକ୍ଟର ଜନସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟି ଗଗନ ଭୋଇ ପରିଚାଳନା କରିଥିବା ବେଳେ ଟ୍ରଷ୍ଟି ସୁବାଷ ଦାସ ସହଯୋଗ କରିଥିଲେ।



## ଧର୍ମରାଜ ଯୁଧିଷ୍ଠିର ପୀଠରେ ବୈଠକ

ଚଣ୍ଡିଖୋଲ :ବଡ଼ଚଣା ବ୍ଲକ ଦେଉଳକୁର ଗ୍ରାମର ବେଦୀହୁଡ଼ା ପୀଠରେ ଏକ ଜରୁରୀ ବୈଠକ ରବୀନ୍ଦ୍ର ନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଯାଇଛି .ଏହି ବୈଠକରେ ପଣ୍ଡିତ ସନ୍ତୋଷ ଓତା,ଶିବପ୍ରସାଦ ପଣ୍ଡା ,ପୂଜକ ଗିରିଜା ଦାଶ,କୀଶୋର ଦାଶ ,ଅନନ୍ତ ରାଉତ ,ପ୍ରଦୀପ୍ତ ପ୍ରଧାନ ,ନୀଳମଣି ଦାଶ ,ଜୟ ହନୁମାନ ଟ୍ରଷ୍ଟର ଅଧକ୍ଷ ସଂଜୟ ସାହାଣୀ ,ସମ୍ପାଦିକା ସରସ୍ୱତୀ ସାହାଣୀ ,ପ୍ରାକ୍ତନ ସରପଂଚ ନୀଳକଣ୍ଠ ମିଶ୍ର ,ବଳରାମ ରଣା,ରବୀନ୍ଦ୍ର ରଣା ପ୍ରମୁଖ ଯୋଗ ଦେଇ ଏଇ ପୁରାଣ ପ୍ରସିଦ୍ଧ ପୀଠ ର ଉନ୍ନତି ,ପରିମଳ ଓ ପୀଠରେ ବ୍ୟପାକ ସବୁଜ ବନାନୀ ସୃଷ୍ଟି କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା.୩ ଲକ୍ଷ ଟଙ୍କାରେ ନିର୍ମିତ ତୋରଣଟିର ରକ୍ଷଣା ବେକ୍ଷଣ କିପରି ହେଇପାରିବ ସେବିଷୟରେ ମଧ୍ୟ ଆଲୋଚନା ହେଇଥିଲା .ଏଇ ତୋରଣ ପାଇଁ ଦେଇଥିବା ଅର୍ଥ ନାରାୟଣ ବେହେରା ଓ ତାଙ୍କ ପତ୍ନୀ ସୁଷମା ବିହାରୀ ଙ୍କୁ ବୈଠକରେ ପ୍ରଂଶସା କରାଯାଇଥିଲା।

## ଖଣ୍ଡପଡା ଅଂଚଳରେ ଗୋଚାଲାଣ ର୍ୟାକେଟ ସକ୍ରୀୟ

ଖଣ୍ଡପଡ଼ା: ଖଣ୍ଡପଡା ଅଂଚଳରେ ଗୋଚାଲାଣ ର୍ୟାକେଟ ବେଶ ସକ୍ରୀୟ ଥିବା ଜଣାପଡିଛି। ଖଣ୍ଡପଡା ଓ ଏହାର ଆଖପାଖ ଅଂଚଳରୁ ବିଭିନ୍ନ ଯାନବାହନ ଯୋଗେ ସ୍ପଷ୍ଟ ଦିବାଲୋକରେ ଗୋଚାଲାଣ ହେଉଥିବା ନଜରକୁ ଆସୁଛି। ଏ ସଂପର୍କରେ ସ୍ଥାନୀୟ ପ୍ରଶାସନ ଅବଗତ ଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ ନକରି ହାତବାନ୍ଧି ବସିଥିବାରୁ ସାଧାରଣରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ପ୍ରଶାସନ ନିଷ୍କ୍ରୀୟତାର ସୁଯୋଗ ନେଇ ଦଲାଲ ଓ ଗୋଚାଲାଣକାରୀ ମାନେ ଅବାଧରେ ଗୋ ଚାଲାଣ କରୁଥିବା ଜଣାପଡିଛି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି।



## ଲାଞ୍ଚ ନଦେଲେ ଆବାସ ଯୋଜନାରେ ଘର ମିଳୁନାହିଁ

ବାଲେଶ୍ୱର : ସରକାର ଯେତେ ପ୍ରକାର ଯୋଜନା କଲେ ମଧ ପ୍ରକୃତ ହିତାଧିକାରୀ ତାହା ପାଇବାକୁ ସକ୍ଷମ ହେଉ ନାହିଁ। ଉଦାହରଣ ସ୍ୱରୂପ ରେମୁଣା ବ୍ଲକ ବିରୁଆଁ ପଞ୍ଚାୟତରେ ପ୍ରକୃତ ଗରୀବଙ୍କୁ ଆବାସ ଯୋଜନାରେ ଘର ମିଳୁ ନାହିଁ। ଆବାସ ଯୋଜନାରେ ସାମିଲ କରିବା ପାଇଁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ମଗାଯାଉଛି। କିଛି ବର୍ଷ ହେବ ପଞ୍ଚାୟତର ଗଡ଼ପଦା, କାଶିପୁର, ରଘୁବୀରପାଟଣା, ବିରୁଆଁ, ସୋମନାଥପୁର ଆଦି ଗ୍ରାମର ଗରୀବ ଲୋକମାନେ ପ୍ରଧାନମନ୍ତ୍ରୀ ଆବାସ ଏବଂ ବିଜୁ ପକ୍କାଘର ଯୋଜନାର ହିତାଧିକାରୀ ହେବା ପାଇଁ ଆବେଦନ କରୁଛନ୍ତି। ଶାସକଦଳ ସମର୍ଥିତ ନିର୍ବାଚିତ ପ୍ରତିନିଧି ଏବଂ ଭିଏଲଡ଼ବ୍ଲ୍ୟୁ ଓ ଅଙ୍ଗନୱାଡ଼ି ଦିଦିଙ୍କ ସଲାସୁତୁରା ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଲାଞ୍ଚ ଦେଉଥିବା ଲୋକଙ୍କୁ ତାଲିକାରେ ରଖି ପ୍ରକୃତ ହିତାଧିକାରଙ୍କୁ ବାଦ ଦିଆଯାଉଛି। ଏବାବଦରେ ଶତାଧିକ ଲୋକ ଦାବୀପତ୍ର ଧରି ଗୋଷ୍ଠୀ ଅଧିଖାରୀ ଛବିରାଣୀ ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ। ଶ୍ରୀମତୀ ସାହୁ ଗ୍ରାମୀଣ ଆବାସ ଯୋଜନାର ତଦନ୍ତ ଚାଲିଛି ଏବଂ ଲାଞ୍ଚ କାରବାର ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ସୁପାରିସ କରିବେ ବୋଲି କହିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray